ସକାଳ
THE SAKALA



## ନିମାପଡ଼ାରେ ବିଜୁ ଜନତା ଦଳର ଜିଲ୍ଲାସ୍ତରୀୟ ବିକ୍ଷୋଭ ଓ ପ୍ରତିବାଦ ସମାବେଶ

# ଚାଷୀର ମେରୁଦଣ୍ଡ ଭାଙ୍ଗିଛି ବିଜେପି ସରକାର

ନିମାପଡ଼ା,୧୭।୨(ସମିସ)







ଧାନର ଅଭାବି ବିକ୍ରି ଯୋଗୁଁ ଚାଷୀମାନଙ୍କ ମେରୁଦଣ୍ଡକୁ ଭାଙ୍ଗିଯାଇଛି। ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ହେବା ସହିତ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୭ରୁ ୧୦ କେଜି କଟ୍‌ନୀଛଟ୍‌ନୀ କରୁଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏଥିସହିତ ଅନେକ ମଣ୍ଡିରେ ଧାନ ପଡ଼ିରହିଥିବାବେଳେ ମିଲରମାନେ ଧାନ ଉଠାଉ ନ ଥିବାରୁ ଚାଷୀଙ୍କ ଦୁଃଖ କହିଲେ ନ ସରେ। ଚାଷ କରିବା ଦୁଃଖଠୁ ଧାନ ବିକିବା ଦୁଃଖ ବଳେଇ ଯାଉଛି। ରାଜ୍ୟ ସରକାର ଦେଇଥିବା ୩୦୦ ୟୁନିଟ୍ ବିଦ୍ୟୁତ୍ ବିଲ୍ ଛାଡ଼ କଥା ଉଠାଉ ନାହାନ୍ତି। ରାଜ୍ୟରେ ମହିଳାଙ୍କ ନିର୍ଯାତନା, ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବାବେଳେ କେବଳ ରଙ୍ଗ ବଦଳାଇ ଏ ସରକାର ବାହାବା ନେବାକୁ ବସିଛି। ଏହାକୁ ନେଇ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ମଙ୍ଗଳବାର ନିମାପଡ଼ାରେ ରାଜ୍ୟ ସରକାରଙ୍କ ବିରୋଧରେ ଜିଲ୍ଲାସ୍ତରୀୟ ବିକ୍ଷୋଭ ଓ ପ୍ରତିବାଦ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀମାନେ ପ୍ରଥମେ ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ ନିକଟରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ପହଞ୍ଚିଥିଲେ। ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ବିଜେଡି ରାଜ୍ୟ ଉପସଭାପତି ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ସୁଭାଶିଷ୍ ଖୁଣ୍ଟିଆ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ପ୍ରତିନିଧି ବିଦ୍ୟାଧର ସ୍ୱାଇଁ, ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ମାନସୀ ହରିଚନ୍ଦନ, ଜିଲ୍ଲା ମହିଳା ସଭାପତି କସ୍ତୁରୀବାଳା ସ୍ୱାଇଁ, ସମ୍ପାଦିକା ଗୀତାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ରାଜ୍ୟ ସରକାରକୁ ୨ ବର୍ଷ ପୂରିବାକୁ ବସିଲାଣି। କିନ୍ତୁ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପାଳନ କରିନାହାନ୍ତି। ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

ପୁରୀ ଜିଲ୍ଲାରେ ୬ଟି ମଣ୍ଡିରେ ୨୧ ଜଣ ମିଲରଙ୍କୁ ଧାନ କିଣିବାର ଦାୟିତ୍ୱ ଦିଆଯାଇଥିବା ବେଳେ ସେମାନେ ଚାଷୀଙ୍କଠାରୁ ଧାନ କିଣିବାରେ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଚାଷୀମାନେ ଧାନ ବିକ୍ରି କରିବାକୁ ଦିନ ଦିନ ଧରି ଅପେକ୍ଷା କରୁଛନ୍ତି। ଏ ଚାଷୀ ମାରଣ ସରକାରକୁ ଆଗାମୀ ଦିନରେ ଜନସାଧାରଣ ଉଚିତ୍ ଜବାବ ଦେବେ ଏଥିରେ କୌଣସି ଦ୍ୱିମତ ନାହିଁ। ପିପିଲି ପୂର୍ବତନ ବିଧାୟକ ଶ୍ରୀ ମହାରଥି କହିଲେ, ଆମ ରାଜ୍ୟରେ ଡବଲ ଇଞ୍ଜିନ ସରକାର। ଗୋଟିଏ ଚାବି ଦିଲ୍ଲୀରେ ଓ ଆଉ ଗୋଟିଏ ଚାବି ରାଜ୍ୟରେ। ତେଣୁ ଏ ସରକାର ଚାଲିବ କେମିତି ବୋଲି ପ୍ରଶ୍ନ କରିଥିଲେ। ଆଉ କିଛିଦିନ ପରେ ରାଜ୍ୟ ସରକାର ଘରୋଇ କମ୍ପାନୀ ହାତରେ ରାଜ୍ୟକୁ ଟେକିଦେବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବିଜେଡି ଦାୟିତ୍ୱରେ ଥିବା ସୁବ୍ରତ ଛାଟୋଇ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଗୋପ ବ୍ଲକ୍ ଅଧ୍ୟକ୍ଷା ଝୁନୁଲତା ମଲ୍ଲିକ, ପିପିଲି ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦେବାଶିଷ ନନ୍ଦ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ଏସ୍.କେ.ବାବୁ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ସମିତି ସଭ୍ୟ ବିଜୟ ପଟ୍ଟନାୟକ, ସତ୍ୟବାଦୀ ମହାପାତ୍ର, ଏନ୍‌ଏସି ସଭାପତି ଦିଲ୍ଲୀପ ପାତ୍ର, ଯୁବ ସଂଗଠକ ମାନସ ପ୍ରଧାନ, ପୂର୍ବତନ ସରପଞ୍ଚ ଭାଗ୍ୟଧର ଖଟୋଇ, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ଲୋକନାଥ ସାହୁଙ୍କ ସମେତ ୫ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ। ପରେ ବିଜେଡି ତରଫରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଓ ପୁରୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ତହସିଲ୍‌ଦାର ନିରଞ୍ଜନ ନାୟକଙ୍କୁ ପ୍ରଦାନ କରାଯାଇଛି।

## କାକଟପୁରରେ ୮ ପରୀକ୍ଷା କେନ୍ଦ୍ର, ୧୩୩୫ ପରୀକ୍ଷାର୍ଥୀ

କୁଣ୍ଢେଇ,୧୭।୨ (ସମିସ): ଆସନ୍ତା ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଚାଲିବ। କାକଟପୁର ବ୍ଲକ୍ ଶିକ୍ଷା ବିଭାଗ ଅଧୀନସ୍ଥ ୮ଟି ହାଇସ୍କୁଲରେ ୧୩୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି। ସୂଚନା ମୁତାବକ, କାକଟପୁର ସରକାରୀ ହାଇସ୍କୁଲରେ ୨୮୦, ଗୋପିକାନ୍ତପୁର ହାଇସ୍କୁଲରେ ୧୭୦, ବରୁଣେଇ ହାଇସ୍କୁଲରେ ୧୫୯, ବଟେଶ୍ୱର ନୋଡାଲ ହାଇସ୍କୁଲରେ ୧୫୭, ବୀରଭଦ୍ର ନୋଡାଲ ହାଇସ୍କୁଲରେ ୧୩୭, ଲତାହରଣ ହାଇସ୍କୁଲରେ ୧୭୯, କାକଟପୁର ବାଳିକା ନୋଡାଲ ହାଇସ୍କୁଲରେ ୨୫୩ ଜଣ ମୋଟ୍ ୧୩୩୫ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଏଥିପାଇଁ କାକଟପୁର ସରକାରୀ ହାଇସ୍କୁଲରେ ପ୍ରଶ୍ନପତ୍ର ଗଚ୍ଛିତ ରହିବ। କଡ଼ା ସୁରକ୍ଷା ମଧ୍ୟରେ ରଖାଯିବା ସହିତ ସମସ୍ତ ପରୀକ୍ଷା କେନ୍ଦ୍ରରେ ସଠିକ୍ ସମୟରେ ଓ ସୁଚାରୁ ରୂପେ ପ୍ରଶ୍ନପତ୍ର ପହଞ୍ଚିବ ବୋଲି ବ୍ଲକ୍ ଶିକ୍ଷାଧିକାରୀ ଶ୍ରୀକାନ୍ତ ସ୍ୱାଇଁ ପ୍ରକାଶ କରିଛନ୍ତି।

## ବ୍ରହ୍ମଗିରି ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଜନଶୁଣାଣି

ବ୍ରହ୍ମଗିରି,୧୭।୨(ସମିସ): ମଙ୍ଗଳବାର ପୁରୀ ଜିଲ୍ଲାପ୍ରଶାସନ ପକ୍ଷରୁ ବ୍ରହ୍ମଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୬୬ଟି ଅଭିଯୋଗ ମିଳିଥିଲା। ଆବାସ ଯୋଜନା, ଭତ୍ତା ଏବଂ ଜମିଜମା ସମସ୍ୟା ଉପରେ ଅଧିକ ଅଭିଯୋଗକାରୀ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିଛି ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଆଉ କିଛି ସମସ୍ୟା ୭ ଦିନ ଭିତରେ ସମାଧାନ ହୋଇଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟ ରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ, ତହସିଲ୍‌ଦାର ଶଶୀଭୂଷଣ ମିଶ୍ର ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଅନ୍ୟପଟରେ ବିଭିନ୍ନ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏବେ ବି ସମାଧନ ହୋଇ ନ ଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଜନଶୁଣାଣିର ସଠିକ୍ ଭାବେ ପ୍ରଚାରପ୍ରସାର ହେଉ ନାହିଁ ବୋଲି ଅଧିକାରୀଙ୍କ ତୁଳନାରେ ଅଭିଯୋଗକାରୀଙ୍କ ସଂଖ୍ୟା କମ୍ ଦେଖିବାକୁ ମିଳିଥିଲା।



## ବାଳିକା ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

ଡେଲାଙ୍ଗ,୧୭।୨(ସମିସ): ବେରବୋଇ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଳିକା ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଡେଲାଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡା. ସ୍ନେହାଞ୍ଜଳୀ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜୟଶ୍ରୀ ଶ୍ରୀଚନ୍ଦନ, ଶିକ୍ଷକ ତୁଷାରକାନ୍ତ ନାୟକ ପ୍ରମୁଖ ଯୋଗଦେଇ ବାଳିକାମାନଙ୍କୁ ଉଚ୍ଚଶିକ୍ଷିତ କରିବାରେ ଗୁରୁତ୍ୱ ଦେବା, ପୁଅ ଓ ଝିଅମାନଙ୍କ ମଧ୍ୟରେ ଭେଦଭାବ ନ କରିବା, ସଠିକ୍ ପୋଷଣ ଓ ସୁସ୍ଥ ଆହାର ଅଭ୍ୟାସ, ବାଲ୍ୟ ବିବାହ ଦୂରୀକରଣ, କନ୍ୟାରତ୍ନ ଓ ତା'ର ନେବା ଯତ୍ନ, ମାନସିକ ସ୍ୱାସ୍ଥ୍ୟ ଓ ଚାପମୁକ୍ତ ଶିକ୍ଷା, ନିୟମିତ ବ୍ୟାୟାମ ଓ ଯୋଗାଭ୍ୟାସ, ରୋଗ ପ୍ରତିରୋଧକ ଓ ସ୍ୱାସ୍ଥ୍ୟ ସୁରକ୍ଷା, ସକାରାତ୍ମକ ଚିନ୍ତାଧାରାର ବିକାଶ, ଆତ୍ମସୁରକ୍ଷା, ଡିଜିଟାଲ ସଚେତନତା, ସମତୁଲ ଜୀବନଶୈଳୀ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ବାଳିକାମାନଙ୍କ ପ୍ରତି ଅଭିଭାବକଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଅଧ୍ୟକ୍ଷା ଡ. ମହାନ୍ତି ଆଲୋକପାତ କରିଥିଲେ। ସେହିପରି ବାଳିକାମାନଙ୍କ ସ୍ୱାସ୍ଥ୍ୟ ଓ ଶାରୀରିକ ବିକାଶ କ୍ଷେତ୍ରରେ ଅଭିଭାବକମାନେ ଗୁରୁତ୍ୱ ଦେବା ସହିତ ପୁଷ୍ଟିକର ଆହାର ଓ ସେମାନଙ୍କ ଯତ୍ନ ନେବା ସମ୍ପର୍କରେ ଡା. ଶ୍ରୀଚନ୍ଦନ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଦିଲ୍ଲୀପ କୁମାର ରାଉତରାୟ, ସତ୍ୟକାମ ମହାପାତ୍ର, ପ୍ରଭାତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ ଜ୍ୟୋତିପ୍ରିୟା ସାହୁ, ବନିତା ସାହୁ, ସର୍ମିଷ୍ଠା ପଣ୍ଡା, ଅର୍ଚ୍ଚନା ଛୋଟରାୟ, ରୋଜିତା ସାହୁ, ଲିପିନା ସାହୁ, ଉର୍ବଶୀ ପ୍ରଧାନ, ଗୀତାଞ୍ଜଳି ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




**● ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିକ୍‌ନିକ୍ ଯିବା ଘଟଣା**

## ୭୪ ଦିନ ପରେ ତଦନ୍ତ ଆରମ୍ଭ

ନୟାହାଟ,୧୭।୨(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟ ଦିବସରେ ପିକ୍‌ନିକ୍ ଯିବା ଘଟଣା ଦୀର୍ଘ ୭୪ ଦିନ ପରେ ଗୋପ ବ୍ଲକ୍ ଶିକ୍ଷାଧିକାରୀ ଅମିତା ସେନାପତି ମଙ୍ଗଳବାର ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଆସି ଘଟଣାର ତଦନ୍ତ କରିଛନ୍ତି। ସେ ଆସିବା ସମୟରେ ଅଭିଯୋଗକାରୀ ଅନୁପସ୍ଥିତ ଥିଲେ। ଶିକ୍ଷା ଅଧିକାରୀ ଶ୍ରୀମତୀ ସେନାପତି ଅଭିଯୋଗକାରୀ ଦ୍ୱୟଙ୍କୁ ସେଠାକୁ ପଚରାଉଚରା ପାଇଁ ଡାକି ନାହାନ୍ତି ବୋଲି ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ବିଇଓଙ୍କ ଏକପାଖିଆ ତଦନ୍ତକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକାଶ ଯେ, ଗତ ଡିସେମ୍ବର ୩ ତାରିଖ କାର୍ଯ୍ୟ ଦିବସରେ ଶିକ୍ଷା ନିର୍ଦ୍ଦେଶିକା ଓ ପୁରୀ ଉପଜିଲ୍ଲାପାଳଙ୍କ ବିନାନୁମତିରେ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ୬୦ରୁ ୭୦ ଜଣ ପିଲାଙ୍କୁ ନେଇ ଆଉକିଛି କର୍ମଚାରୀଙ୍କ ସହିତ ଯାଜପୁର ପିକ୍‌ନିକ୍ ଯାଇଥିବାବେଳେ ସେଦିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତାଲା ପଡ଼ିଥିଲା। ଏ ସମ୍ପର୍କରେ ଜଣେ ଅଧାପକ ଓ ଉମାକାନ୍ତ ଭୋଇ ନାମକ ଜଣେ ଅଭିଭାବକ ଭୁବନେଶ୍ୱରରେ ଥିବା ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ନିର୍ଦ୍ଦେଶିକାଙ୍କ ଚିଠି ନମ୍ବର ୧୬୪୯୩ ତା. ୫.୧୨.୨୦୨୫ରେ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ରାଜକିଶୋର ଜେନା ସବୁ ଜାଣି ମଧ୍ୟ ତଦନ୍ତ କରିବାକୁ ଆସି ନ ଥିଲେ। ତଦନ୍ତରେ ବିଳମ୍ବ ହେବାରୁ ଉମାକାନ୍ତ ଭୋଇ ପୁନର୍ବାର ଶିକ୍ଷା ନିର୍ଦ୍ଦେଶିକାଙ୍କୁ ଅଭିଯୋଗ କରିବାରୁ ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକ ପୁଣି ତଦନ୍ତ ପାଇଁ ପୁରୀ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳ ଦୀର୍ଘ ୭୪ ଦିନ ପରେ ନିଜେ ନ ଆସି ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ପାଢ଼ୀ ନିଜେ ନ ଆସି ଗୋପ ବ୍ଲକ୍ ଶିକ୍ଷାଧିକାରିଣୀ ଅମିତା ସେନାପତିଙ୍କୁ ତଦନ୍ତଭାର ଦେବା ପରେ ସେ ମଙ୍ଗଳବାର ନୟାହାଟ ଆସି ବିଦ୍ୟାଳୟ ପରିସରରେ ତଦନ୍ତ କରିବା ସମୟରେ ଅଭିଯୋଗକାରୀ ପ୍ରଭାତ ପାତ୍ର ଓ ଉମାକାନ୍ତ ଭୋଇ ଅନୁପସ୍ଥିତ ଥିଲେ। କଲେଜ ତଳିଆ କର୍ମଚାରୀମାନେ ଅଧ୍ୟକ୍ଷଙ୍କ ବିରୋଧରେ କହିବାକୁ ସାହସ କରି ନ ଥିଲେ। ଏହି ସମୟରେ ତଦନ୍ତ କରିବାକୁ ଆସିଥିବା ଶିକ୍ଷାଧିକାରିଣୀଙ୍କୁ ପଚାରିବାରେ ସେ କହିଥିଲେ ଯେ ଅଭିଯୋଗକାରୀ କେହି ଆସିନାହାନ୍ତି, ମୁଁ ଯାହା ପଚାରି ବୁଝିଲି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେବି। ଏଠାରେ ଉଲ୍ଲେଖ ଯେ, ସୁପ୍ରିମ କୋର୍ଟଙ୍କ ନିୟମ ଅନୁସାରେ ନୋ ୱାର୍କ ନୋ ପେ' ନିର୍ଦ୍ଦେଶ ଥିବାବେଳେ ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ କର୍ମଚାରୀମାନେ କାର୍ଯ୍ୟ ଦିବସରେ ପିକ୍‌ନିକ୍ ଯାଇ ସେଦିନ ଦରମା କିପରି ପାଇଲେ ତାହା ଶିକ୍ଷା ନିର୍ଦ୍ଦେଶିକା ଶ୍ରୀମତୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ମୁ ଜାଣିନାହିଁ ଘଟଣାର ତଦନ୍ତ କରାଯିବ।

## ବୃତ୍ତିଗତ ପରାମର୍ଶ ସଚେତନତା କାର୍ଯ୍ୟକ୍ରମ



ଚାରିଛକ,୧୭।୨(ସମିସ): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି, ଇନ୍‌ଫୋସିଟି, ଭୁବନେଶ୍ୱର ଏବଂ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ବୃତ୍ତିଗତ ପରାମର୍ଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଏହି ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ନାତକ ଶିକ୍ଷା ପରିସମାପ୍ତି ପରେ ଯେଉଁସବୁ ବୃତ୍ତିଗତ ସୁବିଧା ସୁଯୋଗ ରହିଛି ତାହା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଏବଂ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଯୋଗଦେଇଥିଲେ। ଅଧ୍ୟାପକ ଜୀବନ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରାଇଡେଣ୍ଟ ଏକାଡେମୀର ସହକାରୀ ପ୍ରାଧ୍ୟାପକ ରଶ୍ମିକାନ୍ତ ମହାପାତ୍ର ଏବଂ ସହକାରୀ ପ୍ରାଧ୍ୟାପକ ଅଶୋକ ସାହୁ ଯୋଗଦେଇ ଛାତ୍ରୀମାନେ ଭବିଷ୍ୟତରେ କିପରି ଉଭୟ ସରକାରୀ ଓ ବେସରକାରୀସ୍ତରରେ ରହିଥିବା ନିଯୁକ୍ତି ସୁଯୋଗ ଲାଭ କରିପାରିବେ ତାହା ଉପରେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ବାଣିଜ୍ୟ ବିଭାଗ ମୁଖ୍ୟ ସୁରେଶ ଚନ୍ଦ୍ର କର, ଅଧ୍ୟାପକ ସ୍ୱୟଂ ବିକାଶ ରଥ, ଅଧ୍ୟାପକ ଯୋଗେଶ୍ୱର ମୁଣ୍ଡା ଏବଂ କମ୍ପ୍ୟୁଟର ପ୍ରୋଗ୍ରାମର ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର +୩ ତୃତୀୟ ବର୍ଷର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

## ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ ପାଇଁ ସଚେତନତା

ଗମ୍ଭାରୀପଦା,୧୭।୨(ସମିସ): କାକଟପୁର ତହସିଲ୍ ପଡ଼ିଆରେ ପୁରୀ ବନଖଣ୍ଡ ଅଧିକାରୀ ମଗର ମନୋଜୀ ରାସୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ୍ରିକ୍ ପ୍ରକଳ୍ପ ମାଧ୍ୟମରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ଓ ଗ୍ରାମାଞ୍ଚଳର ମହିଳାମାନଙ୍କ ଆର୍ଥିକ ଉନ୍ନତି କରାଇବା ଲକ୍ଷ୍ୟ ନେଇ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟବକ୍ତା ସାଂସଦ ବିଭୂପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇ ମାଛଚାଷ, କଙ୍କଡ଼ା ଚାଷ, ଶ୍ରୀ ପଦ୍ଧତିରେ ଧାନଚାଷ ଜରିଆରେ ମହିଳାମାନଙ୍କ ଦ୍ୱାରା ଗ୍ରାମାଞ୍ଚଳର ଆର୍ଥିକ ଉନ୍ନତି କରାଇ ଅଧିକରୁ ଅଧିକ ଲକ୍ଷପତି ଦିଦି ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଚାରାରୋପଣ ସମୁଦ୍ର କୂଳରେ ହେନ୍ତାଳ ବଣ ସୃଷ୍ଟି ଦ୍ୱାରା ସାମୁଦ୍ରିକ ପବନର ପ୍ରକୋପ ହ୍ରାସ କରାଯାଇପାରିବା ବୋଲି ଅତିଥିମାନେ ମତପୋଷଣ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ଏକ୍ରିକ୍ ପକ୍ଷରୁ ମାଗଣା କୃଷି ଯନ୍ତ୍ରପାତି ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବନଖଣ୍ଡ ଅଧିକାରୀ ସଞ୍ଜୀବ କୁମାର ପଣ୍ଡା, ସହକାରୀ ବନଖଣ୍ଡ ଅଧିକାରୀ ଅଶୋକ କୁମାର ବେହେରା, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ, ପୁରୀ ଜିଲ୍ଲା ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ରାକେଶ ବିଶ୍ୱାଳଙ୍କ ସମେତ ସମସ୍ତ ସାଂସଦ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ଦଶମ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା

ବଳଙ୍ଗା,୧୭।୨(ସମିସ): ଦୈତାରି ଉଚ୍ଚ ବିଦ୍ୟାଳୟ, ଗୋପୀନାଥପୁରରେ ଚଳିତ ବର୍ଷ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନବମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରଙ୍କ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବରିଷ୍ଠ ସହକାରୀ ଶିକ୍ଷକ ବିଷ୍ଣୁଚରଣ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ପ୍ରସନ୍ନ ବିଶ୍ୱାଳ, ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାଶ, ଅତିଥି ଶିକ୍ଷକ ଲିଙ୍ଗରାଜ ମଙ୍ଗରାଜ, ବୈକୁଣ୍ଠ ବିଶ୍ୱାଳ, ଭାରତୀ ପଟ୍ଟନାୟକ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଜଗତ ବନ୍ଧୁ ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ମଙ୍ଗରାଜ ରଥ ସଭା ପରିଚାଳନା କରିଥିବାବେଳେ ସଂସ୍କୃତ ଶିକ୍ଷକ ବାଉରୀବନ୍ଧୁ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକମାନଙ୍କ ତରଫରୁ ମାଟ୍ରିକ୍ ପରୀକ୍ଷା ସମ୍ପର୍କିତ ଅନେକ ଟିପ୍ସ ଦିଆଯାଇଥିଲା। ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସାହୁଙ୍କ ଦ୍ୱାରା ରଚିତ ଓ ଶିକ୍ଷକ ମଙ୍ଗରାଜ ରଥଙ୍କ ଶବ୍ଦ ସଂଯୋଜନାରେ ଏକ ବିଦାୟକାଳୀନ ସଙ୍ଗୀତ ପରିବେଷଣ ଉପସ୍ଥିତ ସମସ୍ତଙ୍କ ଚକ୍ଷୁ ଅଶ୍ରୁସିକ୍ତ ହୋଇଉଠିଥିଲା।



## ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀଜଗନ୍ନାଥ କଥାମୃତ

ନିମାପଡ଼ା,୧୭।୨(ସମିସ): ଭୋଗଶାଳଦା ଗ୍ରାମ ପଞ୍ଚାୟତର ନଡଣା ଗ୍ରାମ ବନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀଜଗନ୍ନାଥ କଥାମୃତ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ସେନାପତି, ସମ୍ମାନିତ ଅତିଥି ଭାବେ କଏର ଫ୍ୟାକ୍ଟ୍ରି ପ୍ରଶିକ୍ଷକ ଅମିୟ ପୌଦାର ଯୋଗଦେଇ କହିଲେ ଗ୍ରାମର ସବୁ ମାଆ କତାକାମ ମାଧ୍ୟମରେ ସ୍ୱାବଲମ୍ବୀ ହେବା ସହ ଆଧ୍ୟାତ୍ମିକ ମାର୍ଗରେ ଗତି କଲେ ଜୀବନ ଶୃଙ୍ଖଳିତ ହେବ। ମୁଖ୍ୟବକ୍ତା ଭାବେ ବାବାଜୀ ଚରଣ ବସ୍ତିଆ ଯୋଗଦେଇ ଆଦର୍ଶ ଜୀବନଯାପନ ପାଇଁ ଆଧ୍ୟାତ୍ମିକ ମାର୍ଗ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ପ୍ରବକ୍ତା ଶିବଶଙ୍କର ଦାସ ଦୁଇଦିନ ଧରି ଶ୍ରୀଜଗନ୍ନାଥ କଥାମୃତ ଚର୍ଚ୍ଚା କରିଥିଲେ। ମା' ଭଗବତୀ ଯୁବ ପରିଷଦ ନଡଣାର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତି ସନ୍ଧ୍ୟାରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ସମାଗମ ହୋଇ ଶ୍ରୀଜଗନ୍ନାଥ କଥାମୃତ ପାନକରିବା ସହ ଆନନ୍ଦ ଅନୁଭବ କରିଥିଲେ।

## କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଲା ପ୍ରଶ୍ନପତ୍ର

କଣାସ,୧୭।୨(ସମିସ): ଆସନ୍ତା ୧୯ ତାରିଖରେ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର କଣାସଠାରେ ଅବସ୍ଥାପିତ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ସୋମବାର ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ପହଞ୍ଚିଛି। କଣାସ ବ୍ଲକ୍‌ର ୧୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ୨୩୮୭ ଜଣ ରେଗୁଲାର ପରୀକ୍ଷାର୍ଥୀ ଏବଂ ୨୨୨ ଜଣ ଓପନ ସ୍କୁଲ୍ ପରୀକ୍ଷାର୍ଥୀ, ୮ ଜଣ ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧ୍ୟରେ ଆସି ପହଞ୍ଚିଥିବା ଏବଂ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଥିବା ସୁପରିଣ୍ଟେଣ୍ଡେଣ୍ଟ ସୁଲେଖା ମହାପାତ୍ରଙ୍କଠାରୁ ପ୍ରକାଶ। ଏହି କେନ୍ଦ୍ରରୁ ପରୀକ୍ଷାର ଏକ ଘଣ୍ଟା ପୂର୍ବରୁ ପରୀକ୍ଷା ପ୍ରଶ୍ନପତ୍ରଗୁଡ଼ିକ ତିନୋଟି ଡେସ୍‌ପାଚ୍ ଦଳ ମାଧ୍ୟମରେ ମହନ୍ତ ବନମାଳୀ ଦାସ ଉଚ୍ଚ ବାଳିକା ବିଦ୍ୟାଳୟ, ତିପୁରୀ ଉଚ୍ଚ ବିଦ୍ୟାଳୟ, ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟ, ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଙ୍କିଆ ଗଡ଼ଶାହି ବିଦ୍ୟାନିକେତନ, ଆଞ୍ଚଳିକ ଗୌରଚନ୍ଦ୍ର ବିଦ୍ୟାପୀଠ, ଶ୍ରୀ ଅଭିରାମ ବିଦ୍ୟାପୀଠ, ଗୋପୀନାଥ ଉଚ୍ଚ ବିଦ୍ୟାଳୟ, ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟ, ଭିକାରୀ ଚରଣ ବିଦ୍ୟାନିକେତନ, ଜେ.ବି ଉଚ୍ଚ ବିଦ୍ୟାଳୟ, କୁଳମଣି ବିଦ୍ୟାପୀଠରେ ପହଞ୍ଚିବାର ବ୍ୟବସ୍ଥା କରାଯାଇଥିବା ଏବଂ ପରୀକ୍ଷା ପରେ ଖାତାଗୁଡ଼ିକୁ ସୁରକ୍ଷା ମଧ୍ୟରେ ନୋଡାଲ କେନ୍ଦ୍ରକୁ ଅଣାଯିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ପ୍ରକାଶ। ଶାନ୍ତି ଶୃଙ୍ଖଳା ପାଇଁ କଣାସ ଓ ଗଡ଼ିଶାଗୋଡା ଥାନା ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

**ତାତି ବଢ଼ାଉଛି ମାଳମାଳ ଇଟାଭାଟି**

# ଇଟାଭାଟିକୁ ବିଦ୍ୟୁତ୍ ସଂଯୋଗ ଦେଉଛି କିଏ ?

ଅସ୍ତରଙ୍ଗ,୧୭।୨(ସମିସ)



ଯୁଆଡ଼େ ଦେଖିବ ମାଳମାଳ ଇଟାଭାଟି। କାହା ଅନୁମତିରେ ଏହି ସବୁ ଇଟାଭାଟି ଚାଲୁଛି ତାହା ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି। କିଏ ଦେଉଛି ଏହି ଇଟାଭାଟି ପାଇଁ ଅନୁମତି। ଅତୀତରେ ଆମ ରାଜ୍ୟରେ ଗୋଟେ ଇଟାଭାଟିକୁ ବେଆଇନ ବିଦ୍ୟୁତ୍ ସଂଯୋଗ ଦିଆଯିବା ଘଟଣାରେ ଜଣେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଭାଟି ମାଲିକଙ୍କ ନିକଟରୁ ଲାଞ୍ଚ କାରବାରରେ ଧରାହୋଇଥିଲେ। ଏବେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ଯୁଆଡ଼େ ଦେଖିବ ମାଳମାଳ ଇଟାଭାଟି ଆଉ ପ୍ରତ୍ୟେକ ଭାଟିକୁ ଦିଆଯାଉଛି ବିଦ୍ୟୁତ୍ ସଂଯୋଗ। ଯାହା ବର୍ତ୍ତମାନ ବିଭିନ୍ନ ସମୟରେ ଜନସାଧାରଣରେ ସନ୍ଦେହ ସୃଷ୍ଟି କରୁଛି ଯେ ଆମ ଅଞ୍ଚଳରେ ବି ବେଆଇନ ବିଦ୍ୟୁତ୍ ସଂଯୋଗୀକରଣରେ ଚାଲିଛି ଇଟାଭାଟି। ଭାଟି ମାଲିକମାନେ ଆଉ ପରିବେଶ ପରିସ୍ଥିତି ଉପରେ ଦୃଷ୍ଟି ପକେଇବା ଆବଶ୍ୟକ ମନେ କରୁନାହାନ୍ତି। ବିଦ୍ୟାଳୟ, କଲେଜ, ରାସ୍ତାକଡ଼ ଏହିପରି ଅନେକ ସ୍ଥାନରେ ଲକ୍ଷାଧିକ ଟଙ୍କାର ଇଟାଭାଟି କରି ଖୁଲମ୍‌ଖୁଲା ବ୍ୟବସାୟ କରୁଥିବାବେଳେ ପଥଚାରୀ ଓ ଅନେକ ବିଦ୍ୟାର୍ଥୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଦୂଷଣର ପ୍ରଭାବ ଏତେ ମାତ୍ରାରେ ବୃଦ୍ଧି ହେଉଛି ଯେ ନାହିଁ ନ ଥିବା ଅସୁବିଧା ପରିବେଶ ସନ୍ତୁଳନ ବିଗାଡ଼ିବାରେ ଲାଗୁଚି। ଲାଗୁଥିବା ଇଟାଭାଟିରେ ଫାୟାର ସେଫ୍‌ଟି ଅନୁମତି, ରାଜସ୍ୱ ବିଭାଗୀୟ ଅନୁମତି, ପ୍ରଦୂଷଣ ଯାଞ୍ଚ ହୋଇଛି କି ନାହିଁ ତାହା ତଦନ୍ତସାପେକ୍ଷ ଥିବାବେଳେ ଏବେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳରେ ଥିବା ମାଳମାଳ ଇଟାଭାଟି କାହା ସ୍ୱାର୍ଥରେ ଚାଲିଛି ତାହା ସମ୍ପୂର୍ଣ୍ଣ ସନ୍ଦେହ ଘେରରେ।

### ପ୍ରଦୂଷଣ ବିଗାଡ଼ୁଛି ପରିବେଶ ସନ୍ତୁଳନ

ଅନେକ ସ୍ଥାନରେ ଆଲୋଚନା ହେଉଛି ଯେ ପ୍ରଶାସନିକ ଅଧିକାରୀ ଓ ଇଟାଭାଟି ମାଲିକଙ୍କ ମଧ୍ୟରେ ସଲାସୁତରାରେ ଚାଲିଛି। ଏହି କାର୍ଯ୍ୟକୁ ନେଇ ବର୍ତ୍ତମାନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟ ବି ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ତାଙ୍କର ବାସ୍ତବିକ କାର୍ଯ୍ୟକଳାପ ଉପରେ ବୁଦ୍ଧିଜୀବୀଙ୍କ ସନ୍ଦେହ ସୃଷ୍ଟି ହେଉଛି। ଯେତେବେଳେ ଦେଖିବ ଅଞ୍ଚଳ ଭିତରେ ସବୁବେଳେ ଟ୍ରିପ୍ ଟ୍ରିପ୍ ମାଟି ଚାଲାଣ ହେଉଛି। ଏହି ମାଟି କେଉଁଠି ଆସୁଛି ଓ କେଉଁଠିକି ରପ୍ତାନି ହେଉଛି ତାହା ସନ୍ଦେହ ଘେରରେ। ଯଦି ଅଞ୍ଚଳ ଭିତରେ ଏହି ସବୁ ଘଟଣା ଘଟୁଛି ତାହେଲେ ଏହା ପଛରେ କାହା ସ୍ୱାର୍ଥ ରହିଛି ଆଉ ଏହା କିପରି ଚାଲିଛି ଲୋକମାନଙ୍କ ଭିତରେ ଆଲୋଚନା ହେଉଥିବାବେଳେ ଏହାକୁ ତଦନ୍ତ ପରିସରକୁ ନେବା ପାଇଁ ସାଧାରଣରେ ଚର୍ଚ୍ଚା ହେଉଛି।

## କମଳ ସାହୁ ଘରେ ପୁଲିସର ଚଢ଼ଉ

# ବିପୁଳ ପରିମାଣର ଖଇନି, ଗୁଟ୍‌ଖା ଜବତ

ନୟାଗଡ଼,୧୭।୨(ସମିସ)

ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚାଲିଥିବା ଗୁଟଖା ଚଢ଼ଉରେ ସଦରଥାନା ପୁଲିସକୁ ଆଜି ପୁଣି ଏକ ବଡ଼ ସଫଳତା ମିଳିଛି। ଜେଲରେ ରହିଥିବା ଅଭିଯୁକ୍ତ କମଳ ସାହୁର ଖୁଣ୍ଟୁବନ୍ଧସ୍ଥିତ ଘର ପଛପାଖରେ ରହିଥିବା ଗୋଦାମ ଉପରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ଗୁଟ୍‌ଖା ଓ ଖଇନି ଜବତ କରିଛି। ଖୁଣ୍ଟୁବନ୍ଧ ଗାଁ ମଝିରେ ରହିଥିବା ନିଜ ବାସଭବନ ପଛ ପାଖରେ ଏକ ବିଶାଳ ଗୋଦାମ କରାଯାଇଥିବା ନେଇ ପୁଲିସ ଖବର ପାଇଥିଲା। ସଦରଥାନା ଅଧିକାରୀ ପ୍ରିୟତମା ବେହେରା ସଦଳବଳ ଚଢ଼ଉ କରିଥିଲେ। ଘର ଭିତର ଓ ବାହାର ତାଲା ଝୁଲୁଥିବାବେଳେ ଘରେ ଭିତରେ ରହିଥିବା ଲୋକେ ଭୟରେ ଖୋଲି ନଥିଲେ। ପୁଲିସ ଘର ପଛ ପାଖରୁ ଭିତରକୁ ପଶି ଗୋଦାମ ତାଲା ଭାଙ୍ଗିଥିଲା। ନୟାଗଡ଼ ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ତାଲା ଭଙ୍ଗା ଯାଇଥିଲା। ଉକ୍ତ



ଗୋଦମ ଘର ଭିତରୁ ଅନେକ ଗୁଟ୍‌ଖା ଓ ଖଇନି ବସ୍ତା ଜବତ କରାଯାଇଛି। ଏହା ବାଦ ଗୋଦାମ ନିକଟସ୍ଥ ଖାଲି ସ୍ଥାନରେ ଲଗାଯାଇଥିବା ପୁଲିସ ଅନୁମାନ କରୁଛି। ନୟାଗଡ଼ରେ ବେଆଇନ ଗୁଟ୍‌ଖା କାରବାର ଉପରେ ପୁଲିସର କଡ଼ା ପଦକ୍ଷେପକୁ

- ପ୍ରମାଣ ନଷ୍ଟ ପାଇଁ ପୋଡ଼ାଯାଇଛି ଶହ ଶହ ବସ୍ତା
- ପୁଣି ଏକ ମାମଲା ରୁଜୁ କଲା ପୁଲିସ

ବ୍ୟାପକ ପରିମାଣର ଗୁଟ୍‌ଖା, ଜର୍ଦ୍ଦା, ଖଇନି ପୋଡ଼ି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ସ୍ଥାନରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଗୁଟ୍‌ଖା, ଖଇନି ସବୁ ଗତକାଲି କିମ୍ବା ଦୁଇ ଦିନ ପୂର୍ବରୁ ନିଆଁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ପ୍ରଥମେ ଇଟାମାଟି ଥାନା ପୁଲିସ ଗୋଟିଏ ପିକ୍ ଅପ୍ ଭ୍ୟାନ ଜବତ କରିବା ସହ କମଳ ସାହୁର ଭାଇ ପ୍ରକାଶ ସାହୁ ଏବଂ ତାର ଦୁଇ ଜଣ ସହଯୋଗୀ ଶ୍ରୀକାନ୍ତ ମହାପାତ୍ର, ବିପିନ ବିହାରୀ ସ୍ୱାଇଁଙ୍କୁ ଗିରଫ କରିଥିଲା। ଏହି ଗୁଟ୍‌ଖା କାରବାରରେ କମଳଙ୍କ ଲିଙ୍କ ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ବାଲୁଗାଁ ଅଞ୍ଚଳରେ ପୁଲିସ



ଚଢ଼ଉ କରି ଗୁଟ୍‌ଖା ଜବତ କରିବା ସହ ଗୋବିନ୍ଦ ସାହୁ ଓ ଭଗବାନ ସାହୁଙ୍କୁ ଗିରଫ କରିଥିଲା। ସେମାନେ କମଳ ଓ ପ୍ରକାଶ ସହ ମିଶି ବେପାର କରୁଥିବାରୁ ଉଭୟଙ୍କୁ ଉକ୍ତ ମାମଲାରେ ଅଭିଯୁକ୍ତ ଦର୍ଶାଯାଇଥିବା ସୂଚନା ମିଳିଛି। ସେହିଭଳି ଭାବେ ଟାଉନଥାନା ପୁଲିସ ଖଣ୍ଡପଡ଼ା ରାସ୍ତା ମିଶ୍ର ଲେନ୍ ସାମ୍ନାରେ ରହିଥିବା ସନ୍ତୋଷ ସାହୁଙ୍କ ଗୋଦାମରେ ଚଢ଼ଉ କରି ଖଇନି ଓ ଗୁଟ୍‌ଖା ଜବତ କରିଥିବା ବେଳେ ସନ୍ତୋଷଙ୍କୁ ଗିରଫ କରିଛି। କିଛିଦିନ ତଳେ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖୁଣ୍ଟୁବନ୍ଧ ସ୍ୱପ୍ନେଶ୍ୱର କ୍ଲବ୍ ଘରୁ ୩ ଶହରୁ ଉର୍ଦ୍ଧ୍ୱ ବସ୍ତା ଗୁଟ୍‌ଖା ଜବତ କରିଥିଲା। ନୟାଗଡ଼ ଜିଲ୍ଲା ଓ ଆଖପାଖ ଜିଲ୍ଲାରେ ବେଆଇନ ଭାବେ ଗୁଟ୍‌ଖା କାରବାର କମଳ ସାହୁ ଚଲାଇ ଆସୁଥିବା ପୁଲିସ ସୂଚନା ଦେଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ କମଳ ଖଇନି, ଗୁଟଖା, ଜର୍ଦ୍ଦା ଆଣି ବ୍ୟବସାୟ କରୁଥିଲେ। କମଳଙ୍କ ଚେର ରାୟପୁରରୁ ନୟାଗଡ଼ ଯାଏଁ ଲମ୍ବିଥିବା ପୁଲିସ କହିଛି। ପୁଲିସ ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା ଏ ପର୍ଯ୍ୟନ୍ତ ଜବତ ଗୁଟଖା, ଗାଡ଼ିର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ପୁଲିସ ସୂଚନା ଦେଇଛି।

## ଏମ୍‌ଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଦଶପଲ୍ଲା ଚାମ୍ପିଅନ




ଗଣିଆ,୧୭।୨(ସମିସ): ଗଣିଆ ବ୍ଲକ୍ କାଦୁଆ ରାଧାକୃଷ୍ଣ ଯୁବକ ସଂଘ ଦ୍ୱାରା ଆୟୋଜିତ ଏମ୍‌ଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଫାଇନାଲ୍ ମ୍ୟାଚ ଦଶପଲ୍ଲା ଓ ଇନ୍ଦିପଟା ଦଳ ମଧ୍ୟରେ ଅତ୍ୟନ୍ତ ରୋମାଞ୍ଚକ ଭାବେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଇନ୍ଦିପଟା ଦଳ ୨୦ ଓଭରରେ ୮ ଟି ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଦଶପଲ୍ଲା ଦଳ ୧୬.୩ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ୧୭୨ ରନ୍ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ଏହି ଫାଇନାଲ୍ ମ୍ୟାଚ୍‌ରେ ଗଣିଆ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାନଦୀ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ପଙ୍କଜ କୁମାର ସାହୁ, ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ବେହେରା ଓ ପୂର୍ବତନ ଶିକ୍ଷକ ଯୁଗଳ କିଶୋର ସ୍ୱାଇଁ ଉପସ୍ଥିତ ଥିଲେ। ମ୍ୟାଚ୍‌ଟିକୁ ସଂଗ୍ରାମ କେଶରୀ ମହାନ୍ତି ଓ ତୁଷାର ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ରେଫେରୀ ଭାବେ ତ୍ରିଲୋଚନ ବସ୍ତି କାର୍ଯ୍ୟନିର୍ବାହ କରିଥିଲେ। ବିଜୟୀ ଦଶପଲ୍ଲା ଦଳକୁ ୬ ହଜାର ଟଙ୍କା ନଗଦ ପୁରସ୍କାର ଓ ରନର୍ସଅପ୍ ଇନ୍ଦିପଟା ଦଳକୁ ୪୦୦୦ ଟଙ୍କା ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଦଶପଲ୍ଲା ଦଳର ଖେଳାଳି ଦିବାକର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ହାସଲ କରିଥିଲେ। ସମସ୍ତ ଦର୍ଶକମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସ୍ଥାନୀୟ କ୍ରିକେଟ୍ ପ୍ରେମୀ ଓ ଗ୍ରାମବାସୀଙ୍କ ବ୍ୟାପକ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ଭାବେ ସମାପ୍ତ ହୋଇଥିଲା।

## ଗଣିଆରେ ଏକତା ପଦଯାତ୍ରା

ଗଣିଆ,୧୭।୨(ସମିସ): କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗଣିଆ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଗଣିଆ ବ୍ଲକ୍ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାକୁ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ରତନଲାଲ ଲୋହରା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, ଜିପିଇଓ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ, କ୍ରୀଡ଼ା ଶିକ୍ଷକ ବିକାଶ ରଞ୍ଜନ ମଲ୍ଲ, ନିରଞ୍ଜନ ମହାରଣା, କୁମୁଦିନୀ ଦେଇଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ୍ ପରିସରରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଗଣିଆ ବସଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ଛାତ୍ର ଛାତ୍ରୀ ବିଭିନ୍ନ ସ୍ଲୋଗାନ ପ୍ରଦାନ କରିଥିଲେ। ଏହି ଅବସରରେ ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକ ସ୍ତରୀୟ କବାଡ଼ି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଭାପୁର,୧୭।୨(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ପଥରଚକଡ଼ା ପଞ୍ଚାୟତ ମାଧପୁର ଗ୍ରାମର ଜଣେ ମହିଳାଙ୍କ ସୋମବାର ରାତିରେ ମୃତ୍ୟୁ ହୋଇଯାଇଛି। ଯାହା ବର୍ତ୍ତମାନ ସନ୍ଦେହ ଘେରରେ ରହିଛି। ମୃତ ମହିଳା ଜଣଙ୍କ ହେଲେ ମାଧବ ମଲ୍ଲିକଙ୍କ ତୃତୀୟ ପତ୍ନୀ ରତନି ଭୋଇ। ସୋମବାର ବିଳମ୍ବିତ ରାତିରେ ଗୁରୁବାର ଅସୁସ୍ଥ ରତନିଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଖଣ୍ଡପଡ଼ା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକଙ୍କ ସ୍ୱାମୀ ମାଧବଙ୍କୁ ପୁଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲା କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ

## ଫେବୃଆରୀ ସୁଦ୍ଧା ଜୋନ୍ ସଭାପତି ଘୋଷଣା



ନୟାଗଡ଼,୧୭।୨(ସମିସ): ନବଗଠିତ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୂଆ ରାଜବାଟି କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ତଥା ଓଡ଼ିଶା କଂଗ୍ରେସ ସହ ପ୍ରଭାରୀ ଶ୍ରୀ ଜେଟ୍ଟୀ କୁସୁମ କୁମାର ଭାରତୀୟ ଜାତୀୟ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ। ନବନିଯୁକ୍ତ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, କୋଷାଧ୍ୟକ୍ଷ, ପ୍ରତ୍ୟେକ ବ୍ଲକ୍, ବିଜ୍ଞାପିତ ପରିଷଦ ଏବଂ ନୟାଗଡ଼ ପୌରପାଳିକା କଂଗ୍ରେସ କମିଟିର ସଭାପତିଙ୍କୁ ସ୍ୱାଗତ କରି ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସାଙ୍ଗଠନିକ ଗୁରୁଦାୟିତ୍ୱ ହସ୍ତାନ୍ତର କରିଥିଲେ। ଜିଲ୍ଲା ସଭାପତି ଶ୍ରୀ ଦାଶ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ନିଷ୍ଠାପର ଭାବେ ସାଙ୍ଗଠନିକ ଦାୟିତ୍ୱ ସମ୍ପାଦନ ପାଇଁ ଶପଥ କରାଇଥିଲେ। ଫେବୃଆରୀ ମାସ ସୁଦ୍ଧା ଜିଲ୍ଲାର ୨୪ ଜିଲ୍ଲା ପରିଷଦ ଜୋନ ସଭାପତି ଚୟନ, ବ୍ଲକ୍ କଂଗ୍ରେସ ପୂର୍ଣ୍ଣାଙ୍ଗ କମିଟି ଗଠନ କରିବା ସହିତ ଦଳୀୟ ଶୃଙ୍ଖଳା ଆଧାରରେ ସାଧାରଣ ଲୋକଙ୍କ ସମସ୍ୟା ସହିତ କାର୍ଯ୍ୟକର୍ତ୍ତାମାନେ ଯୋଡ଼ି ହେବା ପାଇଁ କୁସୁମ କୁମାର ପରାମର୍ଶ ଦେଇଥିଲେ। ବ୍ଲକ୍ ସଭାପତିଙ୍କ ସାଙ୍ଗଠନିକ କାର୍ଯ୍ୟକୁ ପ୍ରତ୍ୟେକ ତିନିମାସରେ ତର୍ଜମା କରାଯିବ ବୋଲି କହିଥିଲେ। ବରିଷ୍ଠ ଉପସଭାପତି ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ତ୍ରିପାଠୀଙ୍କୁ ଜିଲ୍ଲା କଂଗ୍ରେସ ସଂଗଠନ ସ୍ଥିତି ତଦାରଖ ଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତ୍ୟେକ ମାସରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ବୈଠକ ଆୟୋଜନ କରାଯାଇ ସାଙ୍ଗଠନିକ ଦକ୍ଷତା ତର୍ଜମା କରିବା ପାଇଁ କୁସୁମ କୁମାର ଡିସିସି ସଭାପତିଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁଚରଣ ଲେଙ୍କାଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ହୁସେନ ଖାଁ, ପୂର୍ବତନ ଡିସିସି ସଂଯୋଜକ ସତ୍ୟବ୍ରତ ନାୟକ, ରଣପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁପ୍ରସାଦ ମିଶ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ବରିଷ୍ଠ ସେବାଦଳ କର୍ମୀ ଦିଗାମ୍ବର ବେହେରାଙ୍କ ସମେତ ବିଭିନ୍ନ ଛାମୁଆ ସଂଗଠନ ମୁଖିଆ ଉପସ୍ଥିତ ଥିଲେ। ମାର୍ଚ୍ଚ ସୁଦ୍ଧା ଜିଲ୍ଲାରେ ଦଳର ସାଙ୍ଗଠନିକ ପ୍ରକ୍ରିୟା ଚୂଡ଼ାନ୍ତ ପରେ ଏପ୍ରିଲରୁ ଜିଲ୍ଲାବ୍ୟାପି ପଦଯାତ୍ରା ଆୟୋଜନ କରାଯାଇ ଲୋକଙ୍କ ମୌଳିକ ସମସ୍ୟା ସହିତ ଯୋଡ଼ିହେବାର କାର୍ଯ୍ୟକ୍ରମ ଥିବା ଜିଲ୍ଲା ସଭାପତି ଶ୍ରୀ ଦାଶ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

## ଶିବ ମନ୍ଦିର ସମ୍ମୁଖରୁ ବାଇକ୍ ଚୋରି

ଖଣ୍ଡପଡ଼ା,୧୭।୨(ସମିସ): ଖଣ୍ଡପଡ଼ା ବ୍ଲକ୍‌ର ଶିଖରପୁର ପଞ୍ଚାୟତ ଅଧୀନ ବରପଲ୍ଲୀ ଗ୍ରାମସ୍ଥିତ ଶିବ ମନ୍ଦିର ସମ୍ମୁଖରୁ କେହି ଲୁଟେରା ମହାଶିବ ରାତ୍ରୀ ଦିନ ଏକ ବାଇକ ଚୋରି କରି ନେଇଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ଖଣ୍ଡପଡ଼ା ନିକଟସ୍ଥ କୁଞ୍ଜବିହାରୀ ଗ୍ରାମର ବ୍ୟାଙ୍କ କର୍ମଚାରୀ ଦିଲ୍ଲୀପ କୁମାର ସ୍ୱାଇଁ ବାଇକ୍ ଯୋଗେ ମହା ଶିବରାତ୍ରୀ ଦିନ ଉକ୍ତ ମନ୍ଦିରକୁ ଯାଇଥିଲେ। ମନ୍ଦିର ବାହାରେ ବାଇକ ରଖି ମନ୍ଦିର ପରିସରରେ ଦୀପ ଜାଳିଥିଲେ। ବିଳମ୍ବିତ ରାତିରେ ମନ୍ଦିରରୁ ବାହାରି ଘରକୁ ଫେରିବା ବେଳେ ଦେଖିବାକୁ ପାଇଲେ କେହି ଲୁଟେରା ତାଙ୍କ ବାଇକଟିକୁ ଚୋରି କରି ନେଇଛି। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରି ବାଇକଟିକୁ କେଉଁଠାରେ ନପାଇବା ପରେ ଦିଲ୍ଲୀପ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିଲେ ହେଁ ବାଇକ୍ ଚୋରି ସମ୍ପର୍କରେ କୌଣସି ଟେର ପାଇ ପାରିନାହାଁନ୍ତି। ଚୋରି ହୋଇଥିବା ହିରୋ ଏଚ୍‌ଏଫ୍ ଡିଲକ୍ସ ବାଇକ୍‌ଟି ଇଷତ୍ କଳା ରଙ୍ଗର ବୋଲି ଜଣାପଡ଼ିଛି।

## ୩ ବର୍ଷ ପରେ ରୋଗୀ କଲ୍ୟାଣ ସମିତି ବୈଠକ

# ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ

**ଖଣ୍ଡପଡ଼ା,୧୭।୨(ସମିସ):** ଖଣ୍ଡପଡ଼ା ବ୍ଲକ୍ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ପ୍ରାୟ ୩ ବର୍ଷ ପରେ ଅନୁଷ୍ଠିତ ହୋଇଛି। ତେବେ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ସିଙ୍ଘାପଡ଼ା, କିଆଝର, ଗଡ଼ିଆସାହି ପଞ୍ଚାୟତର ସରପଞ୍ଚଙ୍କୁ କିନ୍ତୁ ସାମିଲ କରାଯାଇନଥିଲା କିମ୍ବା ସୂଚନା ଦିଆଯାଇନଥିବା ଅଭିଯୋଗ ହୋଇଛି। ଫଳରେ ଗୋଷ୍ଠୀ ଚିକିତ୍ସାଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଅଞ୍ଚଳର ସରପଞ୍ଚ। ମିଳିଥିବା ଅଭିଯୋଗ ଅନୁଯାୟୀ ପ୍ରତି ୬ ମାସରେ ଥରେ ବୈଠକ ବସିବାର ନିୟମ ଥିଲେ ହେଁ ୩ ବର୍ଷ ହେଲା ୨ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା ଅନୁଷ୍ଠିତ ହୋଇନଥିଲା। ଫଳରେ ପୂର୍ବରୁ ଥିବା ସମସ୍ୟା ସୁଧୁରୁ ନ ଥିବା ବେଳେ ନୂତନ ସମସ୍ୟା ଯୋଗୁଁ ଏଠାରେ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଆସୁଛି। ସ୍ଥାନୀୟ ଜନପ୍ରତିନିଧିଙ୍କ ଅଭିଯୋଗ ଅନୁଯାୟୀ, ଡାକ୍ତର ସମସ୍ୟା ଲାଗି ରହିଥିବାବେଳେ ଗଡ଼ିଆସାହି ଏବଂ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହଜାର ହଜାର ଲୋକ ନିର୍ଭରଶୀଳ। ହେଲେ ଏହାର ଉନ୍ନତିକରଣ ସହ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଦୀର୍ଘ ଦିନ ହେଲା ଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନୟନମୂଳକ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଏଥିପ୍ରତି କର୍ତ୍ତୃପକ୍ଷଙ୍କ ସତେ ଯେମିତି ଦୃଷ୍ଟି ପଡୁନି। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସହ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ ପାଇଁ ପ୍ରତି ୬ ମାସରେ ଥରେ ରୋଗୀ କଲ୍ୟାଣ ସମିତି ବୈଠକ ବସିବା କଥା। ବୈଠକରେ ସମସ୍ୟା ଆଲୋଚନା ସହ ସମାଧାନ ପାଇଁ ପଦକ୍ଷେପ ନିଆଯିବା କଥା। ମାତ୍ର ୩ ବର୍ଷ ପରେ ହୋଇଥିବା ବୈଠକକୁ ସ୍ଥାନୀୟ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିଙ୍କୁ ନ ଡାକିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ଭାରାପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଡା ଅଭିସାର ପଣ୍ଡା ରୋଗୀ କଲ୍ୟାଣ ସମିତି ବୈଠକ ସଂଯୋଜନା କରୁଥିବା ବେଳେ ସମସ୍ତ ନିୟମକୁ ଭୁଲି ଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜନପ୍ରତିନିଧି ଓ ସଦସ୍ୟଙ୍କୁ ବାଦ ଦେଇ ୩ ବର୍ଷ ପରେ ବୈଠକ କରିବା ନାନା ସନ୍ଦେହ ସୃଷ୍ଟି କରିଛି ବୋଲି ଗଡ଼ିଆସାହି ସରପଞ୍ଚ ପ୍ରତିମା ଆଚାର୍ଯ୍ୟ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଥିବା ସଦସ୍ୟଙ୍କୁ ବିନା ନୋଟିସରେ ଶ୍ରୀ ପଣ୍ଡା ବାହାର କରିଦେଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସେହିପରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୈଠକ କରିବା ବଦଳରେ ମଧ୍ୟ ଝୁଲାଇ ଦିଆଯାଇଛି। ଏଭଳି ଘଟଣା ପରେ ରୋଗୀ ସେବାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କେତେ ଚିନ୍ତିତ ତାହା ଜଣାପଡୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ

# ମନମୋହୁଛି ଆମ୍ର ବଗିଚା; ରାମ ସାଗର ପାର୍କ

ଓଡ଼ଗାଁ,୧୭ ।୨(ସମିସ): ନୟାଗଡ଼ ଜିଲ୍ଲାର ଏକ ପ୍ରମୁଖ ସହର ଭାବେ ପରିଚିତ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସରସସୁନ୍ଦର ଓ ସବୁଜିମାରେ ଭରପୁର ହେଉଥିବା ବେଳେ ଜିଲ୍ଲା ସଦରମହକୁମାର ୨୧ ନମ୍ବର ରାଜ୍ୟ ରାଜପଥ ଦେଇ ଓଡ଼ଗାଁ ଏନ୍‌ଏସିର ପ୍ରବେଶ ପଥ କଲେଜ ନିକଟ ରାଧାମୋହନ ଆମ୍ର କାନନ ପରିବେଶ ମନଲୋଭା ହୋଇଉଠିଛି। ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିଚାଳନାରେ ଏହାର ପରିବେଶକୁ ସମ୍ପୂର୍ଣ୍ଣ ଘାସସୂନ୍ୟ କରାଯିବା ସହିତ ଉପଯୁକ୍ତ କମଣି କରାଯାଇଥିବାରୁ ବସନ୍ତର ପ୍ରବେଶରେ ସମସ୍ତ ବୃକ୍ଷଗୁଡ଼ିକ ବଉଳରେ ଭରପୂର ହୋଇଉଠିଛି। ବଉଳର ସୁମଧୁର ବାସ୍ନା ସମସ୍ତଙ୍କୁ ଆନମନା କରୁଥିବାବେଳେ କେହି କେହି ପଥିକ ମନ୍ତ୍ରମୁଗ୍ଧ ହୋଇ ଘଡ଼ିଏ ଠିଆହୋଇ ରହିଯାଉଛନ୍ତି। ଯାହାକି ଓଡ଼ଗାଁ ସହର ମଧ୍ୟକୁ ପ୍ରବେଶ ନିମନ୍ତେ ସମସ୍ତଙ୍କୁ ସ୍ୱାଗତ କରିବା ପରି ମନେ ହେଉଛି। ଅନ୍ୟପକ୍ଷରେ ସାରା ଓଡ଼ିଶା ତଥା ଭାରତ ବର୍ଷର ଅନେକ ରାଜ୍ୟରେ ପରିଚିତି ଲାଭ କରିଥିବା ଐତିହ୍ୟ ସମ୍ପନ୍ନ ବିଷ୍ଣୁ କ୍ଷେତ୍ର ଗୁପ୍ତ ଅଯୋଧ୍ୟାର ଅଧିଶ୍ୱର ପ୍ରଭୁ ଶ୍ରୀ ରଘୁନାଥ ଜିଉଙ୍କ ମନ୍ଦିରର ରୂପରେଖ ବଦଳୁଥିବା ବେଳେ ଏହାକୁ ଅଧିକ ସ୍ୱଚ୍ଛ ଓ ସବୁଜିମା କରାଯାଇଛି। ସ୍ୱତନ୍ତ୍ର କୁଣ୍ଡ ମାନଙ୍କରେ ବିଭିନ୍ନ ପ୍ରକାରର ଫୁଲଗଛ ଦର୍ଶକ ମାନଙ୍କୁ ଅଧିକ ଆକୃଷ୍ଟ କରିବାରେ ସହାୟକ ହୋଇପାରିଛି। ଏବେ ପ୍ରତ୍ୟହ ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ପର୍ଯ୍ୟଟକ ମାନେ ଭ୍ରମଣରେ ବାହାରି ଓଡ଼ଗାଁ ଚତୁଃପାଶ୍ୱର୍ରେ ରହିଥିବା ଶରଣକୁଳର ଲଡୁବାବା, ବୁଢ଼ାବୁଢ଼ୀଆଣି ଡ୍ୟାମ, ବରକନ୍ୟା ଝରଣା, ଦୂତୀକେଶ୍ୱର ମନ୍ଦିର, ବୈଷ୍ଣୋଦେବୀ ପୀଠ ସହିତ ସ୍ୱର୍ଣ୍ଣ କଳସ କ୍ଷେତ୍ରରେ ବିରାଜିତ ପ୍ରଭୁ ଶ୍ରୀରଘୁନାଥଜିଉଙ୍କ ଦର୍ଶନ ସାରି ସନ୍ଧ୍ୟାରେ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଉତ୍ତର ତଥା ପ୍ରସ୍ଥାନ ପଥରେ ରହିଥିବା ରାମ ସାଗର ପାର୍କକୁ ବୁଲି ବାକୁ କେହି ଭୁଲି ନଥାନ୍ତି। ପାର୍କଟି ଏକ ଛୋଟିଆ କ୍ଷେତ୍ରରେ ନିର୍ମାଣ ହୋଇଥିଲେ ମଧ୍ୟ ସମସ୍ତ ପ୍ରକାରର ସୁବିଧା ସୁଯୋଗ ଓ ସବୁଜବଳୟ ଉପଲବ୍ଧ ରହିଛି। ନୂତନ ଭାବେ ରାମ ସାଗର ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବୋଟିଂର ମଜା ନେବା ସହିତ ମ୍ୟୁଜିକ୍ ଫାଉଣ୍ଟେନ ଏବଂ ଛୋଟରୁ ବଡ଼ ଯାଏଁ ଦୋଳିର ମଧ ମଜା ଉଠାଇଥାନ୍ତି। ଏଥିସହିତ ଋତୁକାଳୀନ ମଣ୍ଡା, ଜିନିଆ ଆଦି ଫୁଲ ଫୁଟି ଲୋଟି ପଡୁଥିବାର ଦୃଶ୍ୟକୁ ଉପଭୋଗ କରି ନିଜ ନିଜର ଫଟୋ ଉତ୍ତୋଳନ କରୁଥିବା ଦେଖିବାକୁ ମିଳୁଛି। ସର୍ବୋପରି ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାହୀ ଅଧିକାରୀ ଭାବେ ନିହାର ରଞ୍ଜନ ବେହେରା ଦାୟିତ୍ୱ ବହନ କରିବା ପରଠାରୁ ବିଭିନ୍ନ ଅଧାପନ୍ତରିଆ କାର୍ଯ୍ୟ ଯଥା- ମାଛ ମାର୍କେଟ, ଗଣେଶ ମାର୍କେଟ, କୃଷକ ବଜାର ସନ୍ନିକଟ ଭେଣ୍ଡିଂଯୋନ ଓ ଆବଶ୍ୟକୀୟ ରାସ୍ତା ଏବଂ ଡ୍ରେନ୍ ନିର୍ମାଣ କରି ସୁବ୍ୟବସ୍ଥିତ କରିବା ଦ୍ୱାରା ପୂର୍ବ ଅପେକ୍ଷା ରାଜସ୍ୱ ଆଦାୟ ପରିମାଣ ବୃଦ୍ଧି ପାଇଛି। ଫଳରେ ସରକାରଙ୍କ ସର୍ତ୍ତ ଅନୁସାରେ ଓଡ଼ଗାଁ ଏନ୍‌ଏସିକୁ ଅଧିକ ଅନୁଦାନ ଆସିବାର ପଥ ସୁଗମ ହୋଇପାରିଛି। ଯାହାକି ଆଗାମୀ ଦିନରେ ସହରର ଉନ୍ନତି କରଣରେ ଅଧିକ ସହାୟକ ହେବ ବୋଲି ନିର୍ବାହୀ ଅଧିକାରୀ ମତ ରଖିଛନ୍ତି।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ




**ଗଣିଆ,୧୭।୨(ସମିସ):** ଗଣିଆ ବ୍ଲକ୍ ଆଡ଼କଟାଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ କୁଳମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନମାଳୀ ବାରିକି ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ସରପଞ୍ଚ ସୁଭାଷିନୀ ବାରିକି, ମୁଖ୍ୟ ବକ୍ତା ଭାବେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ପ୍ରମୁଖ ଶ୍ରୀଧର ସାହୁ, ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ତଥା ପ୍ରଧାନ ଆଚାର୍ଯ୍ୟ କାଳନ୍ଦୀ ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବାର୍ଷିକ ବିବରଣୀ ପଠନ କରିଥିଲେ। ଛାତ୍ର ଛାତ୍ରୀ ମାନେ ଆସନ୍ତାକାଲିର ଭବିଷ୍ୟତ ହୋଇଥିବାରୁ ଅଭିଭାବକ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀ ଶିକ୍ଷା ସହିତ ଉତ୍ତମ ସଂସ୍କାର ଶିଖିବା ନିହାତି ଆବଶ୍ୟକ ବୋଲି ସେମାନେ ପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅତିଥିଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଗୋଶାଳା ନାମରେ ଜବରଦଖଲ ଉଦ୍ୟମ

ଖଣ୍ଡପଡ଼ା,୧୭।୨(ସମିସ)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚାୟତସ୍ଥିତ ସର୍ବ ପୁରାତନ ବିମାନ ଅବତରଣ ପଡ଼ିଆଟି ସମୟାନୁକ୍ରମେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲି ଯାଉଥିବା ବେଳେ ଖଣ୍ଡପଡ଼ା ତହସିଲ ପ୍ରଶାସନ ସବୁ କିଛି ଦେଖି ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ସେହିପରି ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ଜବରଦଖଲକାରୀଙ୍କ ସହ ଭିତିରିଆ ବୁଝାମଣା କରିଥିବା ନେଇ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି।

ଉକ୍ତ ପଡ଼ିଆର ପ୍ରାୟ ୮୦ ଭାଗ ଅଂଶକୁ ବେଫିକର ଭାବେ ମେଗା ପାନୀୟଜଳ



ପ୍ରକଳ୍ପକୁ ହସ୍ତାନ୍ତର କରାଯାଇଥିବା ବେଳେ ବାକି ପଡ଼ିଆର ବଳକା ଅଂଶରୁ ଏକାଧିକ ସ୍ଥାନକୁ ସ୍ଥାନୀୟ ଗ୍ରାମର ଜବରଦଖଲକାରୀ ବାଡ଼ କରି ନିଜ ନିଜ ଅକ୍ତିଆରରେ ରଖିଥିବା ଜଣାଯାଇଛି। ଏବେ ପୁଣି ଗୋଶାଳା ଆଳରେ ଉକ୍ତ ପଡ଼ିଆର କିଛି ଅଂଶକୁ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଜବରଦଖଲ କରିବାକୁ ମସୁଧା ଚଳାଇଥିବା ନେଇ ଜଣାପଡ଼ିବା ପରେ ବନମାଳୀପୁର ପଞ୍ଚାୟତବାସୀଙ୍କ ମଧ୍ୟରେ ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିପ୍ରତି ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନା ଅନୁଯାୟୀ ପ୍ରଶାସନିକ ଅଧିକାରୀମାନଙ୍କ ସ୍ଥାଣୁତାର ସୁଯୋଗ ନେଇ ଜବରଦଖଲକାରୀ ପଡ଼ିଆର ବିଭିନ୍ନ ଅଂଶକୁ ବେଫିକର ଭାବେ ମାଡି ବସିଥିବାରୁ ନୟାଗଡ ଜିଲ୍ଲାର ଏକମାତ୍ର ବିମାନ ଅବତରଣ ପଡିଆ ଏବେ ସତ୍ତା ହରାଇବାକୁ ବସିଛି। ତେବେ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଖଣ୍ଡପଡ଼ା ତହସିଲଦାର ବିଶ୍ୱବିସୃତ ତ୍ରିପାଠୀ କହିଛନ୍ତି।

### ବିଡିଓଙ୍କ ବଦଳି ଦାବିରେ ଅଷ୍ଟମ ଦିନରେ ଗଣଧାରଣା

# ସାମିଲ ହେଲେ ବିଜେଡିର ୪ ଜଣିଆ କମିଟି

ଖୋର୍ଦ୍ଧା,୧୭।୨(ସମିସ):

ବୋଲଗଡ ବିଡିଓଙ୍କ ବିରୋଧରେ ବ୍ଲକ ସମ୍ମୁଖରେ ଜନପ୍ରତିନିଧି ଓ ଜନସାଧାରଣଙ୍କ ଗଣଧାରଣା ୮ମ ଦିନରେ ପହଁଚିଛି। ଧାରଣାକୁ

### ଜନପ୍ରତିନିଧିଙ୍କୁ ଅସମ୍ମାନ ଘଟଣା

ସବୁଦଳର ନେତା ଓ କର୍ମୀମାନେ ସମର୍ଥନ ଜଣାଇଛନ୍ତି। ଏହି କ୍ରମରେ ଆଜି ବିଜେଡିର ୪ଜଣିଆ ପ୍ରତିନିଧି ଦଳ ଏହି ଧାରଣାସ୍ଥଳରେ ପହଁଚିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜେଡି ମୁଖପାତ୍ର ଲେଲିନ ମହାନ୍ତି, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ ପ୍ରମୁଖ ଧାରଣାକୁ ସମର୍ଥନ ଜଣାଇ ବିଡିଓ ଏବଂ ଜିଲ୍ଲା ପ୍ରଶାସନର ପଂଚାୟତ ପ୍ରତିନିଧିମାନଙ୍କ ପ୍ରତି ହେୟଜ୍ଞାନ ଉପରେ ବର୍ଷିଥିଲେ।

ରାଜ୍ୟସଭା ସାଂସଦ ପଂଚାୟତ ବ୍ୟବସ୍ଥାରେ ଲୋକପ୍ରତିନିଧିଙ୍କ ଭୂମିକାକୁ ସମ୍ମାନ ଦେବାକୁ ପ୍ରଶାସନକୁ ଆହ୍ୱାନ କରିଥିଲେ। ସେ କହିଥିଲେ, ଗଣତନ୍ତ୍ରରେ ଲୋକପ୍ରତିନିଧିମାନେ ଲୋକଙ୍କ ଆସ୍ଥାର ପ୍ରତୀକ, ତେଣୁ ପ୍ରଶାସନ ସହଯୋଗ ଓ ସମନ୍ୱୟ ରଖି କାମ କରିବା ଆବଶ୍ୟକ। ଯାହାକୁ ପାଦରେ ଦଳି ଦେଇଥିବା ବିଡ଼ିଓ ପଂଚାୟତ ବ୍ୟବସ୍ଥାକୁ ଅସମ୍ମାନ କରୁଥିବାବେଳେ ଗଣତନ୍ତ୍ରକୁ ହତ୍ୟା କରୁଛନ୍ତି ବୋଲି କହି ବର୍ଷିଥିଲେ। ବିଜେଡ଼ି ମୁଖପାତ୍ର ଲେଲିନ ମହାନ୍ତି ପଂଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ସ୍ମରଣ କରି, ପ୍ରଶାସନିକ କର୍ମଚାରୀମାନେ ସେହି ଆଦର୍ଶକୁ ଅନୁସରଣ କରିବା ଉଚିତ ବୋଲି କହିବା ସହ ବିଡିଓଙ୍କ ଭୂମିକାକୁ ତୀବ୍ର ନିନ୍ଦା ଅସନ୍ତୋଷ ଝାଡ଼ିଥିଲେ। ଆଗାମୀ ଦିନରେ ଏହି ଆନ୍ଦୋଳନ ରାଜ୍ୟ ରାଜଧାନୀକୁ ବ୍ୟାପିବ ବୋଲି ସୂଚନା ଦେଇଥିଲେ।



ପ୍ରକାଶ ଥାଉକି, ବୋଲଗଡ଼ ବ୍ଲକ୍ ବିଡ଼ିଓ ସୁମନସୁଧା କୁଣ୍ଡୁଙ୍କ ମନମୁଖୀ କାର୍ଯ୍ୟ ପାଇଁ ବୋଲଗଡବାସୀଙ୍କ ମଧ୍ୟରେ ଗତମାସ ଜାନୁଆରୀ ମାସ ୨୬ତାରିଖ ଠାରୁ ଅସନ୍ତୋଷ ବଢ଼ିଛି। ପୂର୍ବରୁ ପଂଚାୟତର ଜନପ୍ରତିନିଧି ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟାଙ୍କୁ ଅସମ୍ମାନ ପ୍ରଦର୍ଶନ ନେଇ ବିଡିଓ ବଦଳି ହୋଇଥିଲେ। ପୁଣି କିଛି ମାସ ସମସ୍ତଙ୍କୁ ଚକିତ କଲା ପରି ୨ମାସ ପରେ ଫେରିଥିଲେ। ସେହିପରି ଚିରାଚରିତ ଢଙ୍ଗରେ ଲୋକପ୍ରତିନିଧିଙ୍କୁ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରି ସରକାରଙ୍କ ପଲ୍ଲୀରେ ପ୍ରଶାସନ କାର୍ଯ୍ୟ ଶହଶହ ଲୋକ ଅଭିଯୋଗ ଧରି ଛିଡା ହୋଇଥିବାବେଳେ ସରକାରୀ କାର୍ଯ୍ୟ ସମୟରେ ମଞ୍ଚରେ ନିଜ ଗାଡ଼ି ଚାଳକଙ୍କ ଜନ୍ମଦିନ ପାଇଁ କେକ୍ କାଟିବା ଓ ଗତ ସାଧାରଣତନ୍ତ୍ର ଦିବସରେ ସାମୁହିକ ପରେଡ୍ ବନ୍ଦ କରି ସେଥିରେ ଯୋଗ ନ ଦେବା ବୋଲଗଡବାସୀଙ୍କ ମନରେ ଗଭୀର ଅସନ୍ତୋଷ ବଢ଼ିଛି। ଏପରିସ୍ଥଳେ ୮ଦିନ ଧରି ବ୍ଲକ ଆଗରେ ଲୋକ ପ୍ରତିନିଧି ବସି ରହୁଥିଲେ ମଧ୍ୟ ବିଡିଓ ସାଧାରଣ ମାନବିକତା ପ୍ରଦର୍ଶନ ନ କରି ଅଫିସ କାର୍ଯ୍ୟ ଜାରି ରଖିଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଆଜି ଧାରଣାର ଅଷ୍ଟମ ଦିନରେ ବିଜୁ ଜନତା ଦଳ, କଂଗ୍ରେସ, ବିଜେପି ସମେତ ବୋଲଗଡ଼ ନାଗରିକ ମଞ୍ଚ, ବୁଦ୍ଧିଜୀବୀ ସାମିଲ୍ ହୋଇ ନୈତିକ ସମର୍ଥନ ଜଣାଇଛନ୍ତି। ଆଜି ଆନ୍ଦୋଳନ ରତ ୩୫ରୁ ଊଦ୍ଧ୍ୱର୍ ସରପଂଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଦସ୍ୟଙ୍କ ସହ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ବିପୁଳ ମହୁଲ ପୋଚ ନଷ୍ଟ, ଦେଶୀ ମଦ ଜବତ



ବାଲୁଗାଁ, ୧୭।୨(ସମିସ) : ଚିଲିକା ବିଧାୟକ ଖୋଦ ରାଜ୍ୟର ଅବକାରୀ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବିପୁଳ ପରିମାଣରେ ନିଶା କାରବାର ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ହେଲେ ଚୋରା ମଦ କାରବାର ବନ୍ଦ ହେବାର ନାଁ ଧରୁନି। ଏପରିସ୍ଥଳେ ସମଗ୍ର ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ମଦ କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଭାବେ ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ବାଲୁଗାଁ, ଟାଙ୍ଗୀ ଓ ବେଗୁନିଆ ଅବକାରୀ ବିଭାଗ ସହ ବାଣପୁର ପୁଲିସ ମିଳିତ ଭାବେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁସିତ ମାଳ ଅଞ୍ଚଳର କାହ୍ନୁଲସାହିରେ ବେଆଇନ ଭାବେ ମଦ ପ୍ରସ୍ତୁତ ଲାଗି ଗଢି ଉଠିଥିବା ବିଭିନ୍ନ ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ବିଭାଗ ପକ୍ଷରୁ ପୃଥକ ଭାବେ କାହ୍ନୁଏଲସାହିର ୩ ଟି ସ୍ଥାନରେ ଚଢଉ କରି ସମୁଦାୟ ୧୩ଶହ ୫୦ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ମଦ ପ୍ରସ୍ତୁତି ପାଇଁ ରଖିଥିବା ୬ହଜାର ୫୦ କେଜି ମହୁଲି ପୋଚ ଜବତ କରି ସେ ସବୁକୁ ନଷ୍ଟ କରି ଦିଆଯାଇଥିବା ସୂଚନା ମିଳିଛି। ହେଲେ ଉକ୍ତ ସ୍ଥାନରୁ ମଦ ପ୍ରସ୍ତୁତ କାରୀମାନେ ଜଙ୍ଗଲର ସୁଯୋଗ ନେଇ ଫେରାର ହେବାରେ ସକ୍ଷମ ହୋଇଥିଲେ। ଉକ୍ତ ଚଢ଼ଉରେ ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବେଗୁନିଆ ଅବକାରୀ ଅଧିକାରୀ ସଂଜୟ ସୁବୁଦ୍ଧି, ବାଣପୁର ଥାନା ଏଏସଆଇ ବିଦ୍ୟାଧର ମଲିକ ଓ କର୍ମଚାରୀ ଏବଂ ବାଲୁଗାଁ ଅବକାରୀ ଏଏସଆଇ ମିନକେତନ ମହାଲିକ ପ୍ରମୁଖଙ୍କ ସମେତ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

# ଚିଲିକାରେ ୧୪୯୨ ଓ ବାଣପୁରରେ ୧୯୫୪ ପରୀକ୍ଷାର୍ଥୀ

ବାଲୁଗାଁ, ୧୭।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ୧୯ ତାରିଖ ଗୁରୁବାର ଠାରୁ ଦଶମ ଶ୍ରେଣୀ ତଥା ମାଟ୍ରିକ୍ ବୋର୍ଡ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ପରୀକ୍ଷାର ପ୍ରଥମ ଦିବସରେ ସାହିତ୍ୟ (ଓଡିଆ ଭାଷା)ର ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ଉକ୍ତ ପରୀକ୍ଷାରେ ଚିଲିକା ବ୍ଲକର ୯ ଗୋଟି କେନ୍ଦ୍ରରେ ମୋଟ ୧୪୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ଚିଲିକା ବ୍ଲକର ବାଲୁଗାଁ ଉଚ୍ଚ ବିଦ୍ୟାଳୟକୁ ନୋଡ଼ାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଥିବା ବେଳେ ଏହି ନୋଡ଼ାଲ ସେଣ୍ଟର ବାଲୁଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୦୮ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବା ସ୍ଥଳେ ଏହି ନୋଡ଼ାଲ କେନ୍ଦ୍ର ଅଧିନରେ ଚିଲିକା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼କୁଳ କେନ୍ଦ୍ରରେ ୨୦୩ ଜଣ, ଲକ୍ଷ୍ମୀଧର ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟ ହରିପୁର ଶାସନ ୧୫୬ ଜଣ, ଚିଲିକା ଉଚ୍ଚ ବିଦ୍ୟାପୀଠ ହାଟବରଡ଼ି ୧୬୩ ଜଣ, ଭଗବତୀ ବିଦ୍ୟାପୀଠ ସୋରଣ ୨୪୧ ଜଣ, କାଳୁପଡ଼ା ଘାଟ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ୧୬୬ ଜଣ, ପଞ୍ଚୁପଲ୍ଲୀ ସୋମନାଥ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଆଙ୍କୁଲାଚଟି କେନ୍ଦ୍ରରେ ୧୧୫ ଜଣ, ଭାଲେରୀ ଉଚ୍ଚ ବିଦ୍ୟାଳୟ, ଚାଷଙ୍ଗରା ୧୬୧ ଜଣ ଓ ଯୁଗଳ ଚରଣ ବାଳିକା ବିଦ୍ୟାପୀଠ ବାଲୁଗାଁ କେନ୍ଦ୍ରରେ ୭୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମପୂରଣ କରିଛନ୍ତି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ଅବଜରଭରଙ୍କୁ ବ୍ଲକ ପକ୍ଷରୁ ନିୟୋଜିତ କରାଯାଇଥିବା ବେଳେ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ନୋଡ଼ାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଁଚି ଯାଇଥିବା ବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଯାହା ପରୀକ୍ଷା ଦିବସ ସକାଳେ ତଥା ପରୀକ୍ଷା ଆରମ୍ଭ ସମୟର ଦୁଇ ଘଣ୍ଟା ପୂର୍ବରୁ ବିଭିନ୍ନ ପରିକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବା ସହ ଶୃଙ୍ଖଳାର ସହ ପରୀକ୍ଷା ସୁପରିଚାଳନା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ଚିଲିକା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ସୂଚନା ଦେଇଛନ୍ତି। ସେହିପରି ବାଣପୁର ବ୍ଲକର ୮ଟି କେନ୍ଦ୍ରରେ ସମୁଦାୟ ୧୯୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ବାଣପୁର ଗୋଦାବରୀଶ ବିଦ୍ୟାପୀଠକୁ ନୋଡ଼ାଲ ସେଣ୍ଟର କରାଯାଇଥିବା ବେଳେ ଏହି ନୋଡ଼ାଲ ସେଣ୍ଟର ଗୋଦାବରୀଶ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୨୮୩ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଥିବା ବେଳେ ନୋଡ଼ାଲ ସେଣ୍ଟର ଅଧିନରେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୧ କେନ୍ଦ୍ରରେ ୨୨୧ ଜଣ, ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୨ କେନ୍ଦ୍ରରେ ୨୧୭ ଜଣ, ବାନାମ୍ବର ଏକାଡ଼ୋମୀ ଭୀମପୁର କେନ୍ଦ୍ରରେ ୨୯୯ ଜଣ, ଭେଟିନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ଭେଟେଶ୍ୱର କେନ୍ଦ୍ରରେ ୩୫୫ ଜଣ, ପତିତପାବନ ବାଣୀମନ୍ଦିର ଗମ୍ଭାରୀମୁଣ୍ଡା କେନ୍ଦ୍ରରେ ୨୨୭ ଜଣ, ଗୋଦାବରୀଶ ଉଚ୍ଚ ବିଦ୍ୟାଳୟ ନାଚୁଣୀ କେନ୍ଦ୍ରରେ ୧୭୪ ଜଣ ଓ ଖଣନ୍ତ ଅପ୍‌ଗ୍ରେଡେଡ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୮ ଜଣ ପରିକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଜଣେ ଲେଖାଏଁ ଅବଜରଭରଙ୍କୁ ବ୍ଲକ ପକ୍ଷରୁ ନିୟୋଜିତ କରାଯାଇଥିବା ବେଳେ ବାଣପୁର ଗୋଦାବରୀଶ ବିଦ୍ୟାପିଠ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ କଡ଼ାସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଯାହା ପରୀକ୍ଷା ଦିବସର ସକାଳେ ପରୀକ୍ଷା ସମୟର ଦୁଇ ଘଣ୍ଟା ପୂର୍ବରୁ ବିଭିନ୍ନ ପରିକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯିବା ସହ ଶୃଙ୍ଖଳାର ସହ ପରୀକ୍ଷା ସୁପରିଚାଳନା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ସୂଚନା ଦେଇଛନ୍ତି।

**● ୧୯ରୁ ମାଟ୍ରିକ୍ ପରୀକ୍ଷା**

## ମୁକ୍ତମଞ୍ଚ ନାଟକ ଉଦ୍‌ଯାପିତ

ବେଗୁନିଆ,୧୭।୨(ସମିସ): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ଦୁଇ ଦିନ ଧରି ମୁକ୍ତମଞ୍ଚ ନାଟକ ଉଦଯାପିତ ହୋଇଛି। ଏଥିରେ ଚଳିତ ମାସ ୧୫ ତାରିଖରେ ବାଲୁଙ୍କେଶ୍ୱର ଦେବ ନାଟ୍ୟ ସଂସଦର ପ୍ରଥମ ରାତ୍ରରେ "କଟି କଟି ଡବଲ କଟି" ଓ ୧୬ ତାରିଖ ଦ୍ୱିତୀୟ ରାତ୍ରରେ "ଏ ଆଖି କାନ୍ଦୁଛି ତୋରି ପାଇଁ" ନାଟକ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ସଦାଶିବ ମହାପାତ୍ର, ସୌମେନ୍ଦ୍ର ସାମନ୍ତରାୟ, ନିର୍ଦ୍ଦେଶକ ଦୀପକ ପ୍ରଧାନ, ଗୋକୁଳାନନ୍ଦ ଜେନା, ପରିଚାଳକ ଅଜିତ କୁମାର ପ୍ରଧାନ ଅଜୟ କୁମାର ପ୍ରଧାନ ଓ ବରିଷ୍ଠ ସଙ୍ଗୀତ କଳାକାର ପୂର୍ଣ୍ଣଚନ୍ଦ୍ର ନିଶଙ୍କ ସମେତ ପରିଚାଳନା କରିଥିଲେ।

## ମୁକୁନ୍ଦପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଖୋର୍ଦ୍ଧା,୧୭।୨ (ସମିସ): ମୁକୁନ୍ଦପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଗୁରୁଜୀ ଗୁରୁମା ଓ ପିତାମାତାଙ୍କୁ ସମ୍ମାନ ପ୍ରଦର୍ଶନ ସହିତ ଜଣେ ଜଣେ ଶୃଙ୍ଖଳିତ ଛାତ୍ର ଓ ଉତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଆର୍.ସି.ସି ସଂଧାବତୀ ଲେଙ୍କା ଯୋଗ ଦେଇ ଏହି ବିଦ୍ୟାଳୟର କାର୍ଯ୍ୟକ୍ରମକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ନାଗ ଭୂଷଣ ଜେନା, ସି.ଆର.ସି.ସି. ଦିବ୍ୟସିଂହ ସୁବୁଦ୍ଧି ଓ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ଦିଲ୍ଲୀପ କୁମାର ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ବଳିୟାରସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। କନିଷ୍ଠ ଓ ବରିଷ୍ଠ ଏହିପରି ୩୩ଟି ବିଭାଗରେ ଅନୁଷ୍ଠିତ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ବିଦ୍ୟାଳୟର କୃତୀ ଛାତ୍ରୀ ଲିପ୍ସା ପ୍ରିୟଦର୍ଶନୀ ମହାରଣା ବିଦ୍ୟାଳୟର ଚାମ୍ପିଅନ୍ ପ୍ରାଇଜ୍ ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ମାଳବିକା ସିହ୍ନା ଓ କୌଶଲ୍ୟା ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟସଭ୍ୟା ଓ ମୁକୁନ୍ଦପ୍ରସାଦ ଅଂଚଳର ୫ଟି ୱାଡର୍‌ର ଅନେକ ଅଭିଭାବକ ଓ ଅଭିଭାବିକା ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନମିତା ହୋତା ଧନ୍ୟବାଦ ପ୍ରଦାନ କରିଥିଲେ।

## ବରିଷ୍ଠ କଳାକାରଙ୍କ ବିୟୋଗରେ ଶୋକ

ବେଗୁନିଆ,୧୭।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଗ୍ରାମ ତଳସାହିର ବରିଷ୍ଠ କଳାକାର ତଥା କବି ରବୀନ୍ଦ୍ର ନାଥ ମହାପାତ୍ର(୭୩) ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସେ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଚାକିରୀ କରିବା ସହ ରଘୁନାଥ ଦେବ ନାଟ୍ୟ ସଂସଦର ଶ୍ରୀରାମ ଲୀଳାରେ "ରାବଣ" ଭୂମିକାରେ କଳାକାର ଭାବେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କ ନିକଟରେ ପ୍ରିୟ ଭାଜନ ହୋଇ ପାରିଥିଲେ। ତତ ସହିତ କର୍ମମୟ ଜୀବନ ଭିତରେ କାଠମୁଖା ନିର୍ମାଣ ଉପରେ ଶିଳ୍ପୀ ଭାବେ ଯୁବପିଢ଼ିକୁ ସର୍ବଦା ଉତ୍ସାହିତ କରି ଆସୁଥିଲେ। ତାଙ୍କ ମୃତ୍ୟୁରେ କଳା ଜଗତର ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ସ୍ଥାନୀୟ କମିଟିର କର୍ମକର୍ତ୍ତା ମାନେ କହିଛନ୍ତି। ତାଙ୍କ ମରଶରୀରକୁ ଗ୍ରାମ୍ୟ ଶ୍ମଶାନରେ ତିନି ପୁଅ ଦୀପ୍ତିରଞ୍ଜନ, ବିନୋଦ ଓ ସୌମ୍ୟ ରଞ୍ଜନ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।



# ବଡ଼ପଦର ଜାଗର ମହୋତ୍ସବ ଉଦ୍‌ଯାପିତ



ବେଗୁନିଆ,୧୭।୨(ସମିସ): ବୋଲଗଡ ବ୍ଲକ ବଡପଦର ଗ୍ରାମ ସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ତିନି ଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବ ଉଦଯାପିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଜିତେନ୍ଦ୍ର କୁମାର ବଳିୟାରସିଂହଙ୍କ ଅଧ୍ୟକ୍ଷତା ଓ ଲୋକନାଥ ଜେନା ଏବଂ ବିଭୁ ସୁବୁଦ୍ଧିଙ୍କ ଯୁଗ୍ମ ସଂଯୋଜନାରେ ସମାଜସେବୀ ଜ୍ଞାନ ରଞ୍ଜନ ମାନସିଂହ ମୁଖ୍ୟଅତିଥି, ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ମୁଖ୍ୟବକ୍ତା, ଅଙ୍ଗନବାଡ଼ି କର୍ମୀ ପ୍ରତିମା ପଟ୍ଟନାୟକ, ପ୍ରଜ୍ଞା ପାରମିତା ପଟ୍ଟନାୟକ, ମଲିପଦର ଆମ ଗାଁ ମହୋତ୍ସବର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ, ନାଟ୍ୟକାର ବସନ୍ତ କୁମାର ଉତ୍ତରକବାଟ ୱାର୍ଡ ସଭ୍ୟ ଅକେଇ ସାହୁ ସମାଜସେବୀ ପଦ୍ମ ଚରଣ ମହାପାତ୍ର ଓ ଭାଗ୍ୟଧର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରି ଜୀବନଯାପନ କରିବାକୁ ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ସମ୍ପାଦକ ଦୀପକ କୁମାର ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ମିଟୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଓଡ଼ିଶା କଳା ସଂସ୍କୃତି ବିଭାଗ ପକ୍ଷରୁ ଚଣ୍ଡିଖୋଲ ଯାଜପୁର, ବୀଣାପାଣି କଳାପୀଠ, ଜଟଣୀ ନଟରାଜ ଡ୍ୟାନସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନାଚ ଓ ଗୀତରେ ପରିବେଷଣ ହୋଇଥିଲା।

## ଜୟଦୁର୍ଗା ଫୁଟବଲ୍ : ବାଙ୍କୀ ଆଥଲେଟିକ ଆସୋସିଏସନ୍ ସେମିରେ

ବେଗୁନିଆ,୧୭।୨(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମରେ ୩୧ତମ ବାର୍ଷିକ ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ଦିନ ବାଙ୍କୀ ଆଥଲେଟିକ ଆସୋସିଏସନ୍ ଓ ଖଣ୍ଡପଡ଼ା ଟାଉନ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ବାଙ୍କୀ ଆଥଲେଟିକ ଆସୋସିଏସନ୍ ୧-୦ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଏହି ଖେଳ କଣ୍ଟାମଣି ଗ୍ରାମ୍ୟକମିଟି ସଭାପତି ଜମ୍ବେଶ୍ୱର ରାଉତରାୟ, ସମ୍ପାଦକ ଆର୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ପାଇକରାୟ, ଉପସଭାପତି ଅଜୟ କୁମାର ମାର୍ଥା, ଗଁପୁର ଗ୍ରାମ୍ୟ କମିଟି ସଭାପତି ନୀଳମଣି ପ୍ରଧାନ, ଶିକ୍ଷାବିତ୍ ଯୋଗିନାଥ ସାହୁ ଓ ଅବସରପ୍ରାପ୍ତ କ୍ରୀଡାଶିକ୍ଷକ ନୀଳମଣି ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ଖେଳକୁ ମ୍ୟାଚ କମିଶନର ନେତୃତ୍ୱରେ ଦୟାନ୍ ଖାଁଙ୍କ ନିର୍ଦ୍ଦେଶରେ ଅମଜାଦ ଖାଁ ନେତୃତ୍ୱରେ ଲାଇନ ମ୍ୟାନ ଭାବେ ବିଦେଶୀ ନାୟକ, ସେକୱାତ ଅହମ୍ମଦ ଓ ଶାହାରୁଖ ଖାନ ସହଯୋଗ କରିଥିଲେ।

## ସଙ୍କଟ ମୋଚନ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୧୭।୨(ସମିସ): ସ୍ଥାନୀୟ ମୁକୁନ୍ଦପ୍ରସାଦସ୍ଥିତ ସଙ୍କଟ ମୋଚନ ବିଦ୍ୟା ମନ୍ଦିରର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ପ୍ରତିଷ୍ଠାତା ସଭାପତି ଅନ୍ତର୍ଯ୍ୟାମୀ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଭାରତୀୟ ଜୀବନ ବୀମା ନିଗମର ମହାପ୍ରବନ୍ଧକ ରୂପକ କୁମାର ବୋଷ, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସମ୍ମାନିତ ଅତିଥି ରୂପେ ରୀତା ମିତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ କେବଳ ଭଲ ପାଠ ନୁହେଁ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଆଲୋକ କୁମାର ପଣ୍ଡା ସ୍ୱାଗତ ଭାଷଣ, ସମ୍ପାଦିକା ଜ୍ୟୋତ୍ସ୍ନା ମିତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗତବର୍ଷ ପ୍ରାଥମିକ ବୃତି ପରୀକ୍ଷାର କୃତକାର୍ଯ୍ୟ ହୋଇଥିବା ସୋମ୍ୟ ସିଦ୍ଧାର୍ଥ ବାରିକଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିବା ସହ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁଷ୍ପିତ ଖୁଣ୍ଟିଆ ଓ ପ୍ରୀତିମୟୀ ସେନାପତି ପୁରସ୍କାର ବିତରଣ କାର୍ଯ୍ୟ ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ଓ ସଂଯୁକ୍ତା ମହାପାତ୍ର ସାଂସ୍କୃତିକ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




## ଧାରାବତୀ ଓ ବାପୁଜୀ କୁଷ୍ଠ କଲୋନୀ ବାସିନ୍ଦାଙ୍କ ଧାରଣା



ଜଟଣୀ, ୧୭।୨(ସମିସ): ବିଭିନ୍ନ ଦାବିନେଇ ଜଟଣୀ ପୌରପାଳିକା ଅନ୍ତର୍ଗତ ରେଳବାଇ ଜାଗାରେ ରହୁଥିବା ଧାରାବତୀ ଓ ବାପୁଜୀ କୁଷ୍ଠ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ପରେ ମଧ୍ୟ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ରେଳବାଇ ଜାଗାରେ ରହୁଥିବା ବେଳେ କେତେବେଳେ ରେଳ ପ୍ରଶାସନ ଉଚ୍ଛେଦ କରିବ ତାହା ଜଣାନାହିଁ। ତେଣୁ ମୌଳିକ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି କହିଛନ୍ତି। କୁଷ୍ଠ କଲୋନୀବାସୀ ଦାବି କରିଛନ୍ତି ଯେ, ୨୦୨୧ ଏବଂ ୨୦୨୩ ମସିହାରେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସମସ୍ତ କୁଷ୍ଠ କଲୋନି ବାସିନ୍ଦାଙ୍କୁ ଜମି ସହିତ ବାସଗୃହ, ଉତ୍ତମ ସ୍ୱାସ୍ଥ୍ୟ, ଉତ୍ତମ ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଏସଏସ ଆଣ୍ଡ ଇପିଡି କାର୍ଯ୍ୟାଳୟ ପକ୍ଷରୁ କୁଷ୍ଠ କଲୋନି ବାସିନ୍ଦାମାନଙ୍କୁ ଥଇଥାନ କରିବା ପାଇଁ ଜିଲ୍ଲା ଅଧିକାରୀଙ୍କୁ ଚିଠି କରାଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟ ହେବା ପରେ ଡିଏସଏସଓଙ୍କ କାର୍ଯ୍ୟାଳୟ ତରଫରୁ ଜଟଣୀ ପୌରପାଳିକାକୁ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଅକ୍ଟୋବର ମାସରେ ଚିଠି କରାଯାଇଥିଲା। ଅକ୍ଟୋବର ମାସରୁ ଏପର୍ଯ୍ୟନ୍ତ ଡିପିଆର୍ ପ୍ରସ୍ତୁତ ହୋଇ ପାରିଲାନାହିଁ। ବାରମ୍ବାର ପ୍ରଶାସନକୁ ଦେଖା କରିବା ପରେ ମଧ୍ୟ ସେମାନେ କିଛି କଲେ ନାହିଁ। ଏବେ ୮ ଲକ୍ଷ ଟଙ୍କା ଦେଲେ ଯାଇ ଡିପିଆର୍ ମିଳିବ ବୋଲି ପୌରାଧ୍ୟକ୍ଷ ଅନନ୍ତ ବେହେରା କହୁଥିବା ଅଭିଯୋଗ ହୋଇଛି। ତେଣୁ ସମସ୍ତେ କୁଷ୍ଠ ପୀଡ଼ିତ ଅସହାୟ ପରିବାର। ଏମାନଙ୍କର ପାଇଁ ଦୁଇ ଓଳି ଖାଇବାକୁ ସମ୍ବଳ ନ ଥିବା ବେଳେ ଏମାନେ ୮ ଲକ୍ଷ ଟଙ୍କା କେଉଁଠୁ ଆଣି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏମାନେ ବର୍ତ୍ତମାନ ରେଳବାଇ ଜାଗା ଉପରେ କୁଡ଼ିଆ କରି ରହୁଛନ୍ତି। ରେଳ ପ୍ରଶାସନ କୌଣସି ସମୟରେ ସେହି ଜାଗାରୁ ବିସ୍ଥାପିତ କରିପାରେ। ତେଣୁ ସରକାର ବିହିତ କାର୍ଯ୍ୟ ଅନୁଷ୍ଠାନ ଗ୍ରହଣ କରି ଏହି କୁଷ୍ଠ ପୀଡ଼ିତ ପରିବାରକୁ ନ୍ୟାୟ ଦିଅନ୍ତୁ ବୋଲି ଦାବି ହୋଇଛି।

# ଜୁଆଡ଼ିଙ୍କ ଲାଗି ସୁରକ୍ଷିତ ସ୍ଥାନ ପାଲଟିଥିଲା କାଜୁ ଜଙ୍ଗଲ

ଟାଙ୍ଗୀ,୧୭।୨(ସମିସ): ମଦ ନିଶା ଠାରୁ ଜୁଆ ଭୟଙ୍କର ହେଲେ ସରକାରଙ୍କ ଏହି ଉଭୟ ନିଶାରେ କୋହଳ ନୀତି ଯୋଗୁ ସାମାଜିକ ବିଧିବ୍ୟବସ୍ଥା ପ୍ରତିକୂଳ ଆଡକୁ ଗତି କରୁଛି। ଗତକାଲି ଟାଙ୍ଗୀ ପୁଲିସ ଇତିହାସରେ ଏଭଳି ଏତେ ଜୁଆଡିଙ୍କୁ ଠାବ ସହ ଏତେ ଟଙ୍କା, ଦାମୀ କାର ଜବତ ପ୍ରଥମ ଘଟଣା କୁହାଯାଇଛି। ଗତକାଲି ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା ଙ୍କ ନିର୍ଦ୍ଦେଶ କ୍ରମେ ସ୍ପେଶାଲ ସ୍କ୍ୱାଡ ଓ ଟାଙ୍ଗୀ ପୁଲିସ ମିଳିତ ସହାୟତାରେ ଟାଙ୍ଗୀ ଥାନା କୁହୁଡି ଫାଣ୍ଡି ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥଠାରୁ ପାଞ୍ଚ କିଲୋମିଟର କୁଞ୍ଜୁରୀ କାଜୁ ଜଙ୍ଗଲ ମଧ୍ୟରେ ଚଢାଉ କରି ଜୁଆଡିଙ୍କ ଆଡା ଠାବ କରିଥିଲେ। ପୁଲିସକୁ ଦେଖି ଖସି ଯିବାକୁ ବସିଥିବା ଜୁଆଡିଙ୍କୁ କାବୁ କରିବା ପାଇଁ ବନ୍ଧୁକ ଧମକ ଦେବାକୁ ପଡିଥିଲା। ଫଳରେ ଖୋର୍ଦ୍ଧା, ପୁରୀ କଟକ ଓ ବ୍ରହ୍ମପୁର ଅଞ୍ଚଳର ୨୦ ଜଣ ଜୁଆଡି ଗିରଫ ହେବା ସହ ୧୦ଲକ୍ଷ ୩୮ ହଜାର ୫୦୦ ଟଙ୍କା, ଥାର କାର,୨୦ଟି ଦାମି ମୋବାଇଲ ଫୋନ,୪ ଟି ମୋଟରସାଇକେଲ ସହ ୧୦ ପ୍ୟାକେଟ ପ୍ଲେଇଙ୍ଗ କାର୍ଡ ଜବତ କରାଯାଇଥିଲା। ତେବେ ପୁଲିସ ଥାନା କେସ ନମ୍ବର ୧୩୩ରେ ଏକ ମକଦ୍ଦମା ପରେ ଗତକାଲି ବିଳମ୍ବିତ ରାତି ରେ ସବୁ ଜୁଆଡି ଥାନାରୁ ବ୍ୟକ୍ତିଗତ ମୁଚାଲିକାରେ ଫେରିଥିବା ଜଣାପଡିଛି। ଏହି ଘଟଣା ଏଏସଆଇ ତପନ କୁମାର ପ୍ରଧାନ ତଦନ୍ତ ଦାୟିତ୍ୱ ନେଇଥିବା ଟାଙ୍ଗୀ ଆଇଆଇସି ରବୀନ୍ଦ୍ର କୁମାର ଭୂଜବଳ ସୂଚନା ପ୍ରଦାନ କରିଛନ୍ତି।




ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ଜୁଆ ଆଡା ଟି ଦୀର୍ଘ ଦିନ ଧରି ପୁଲିସ ଆଖିରେ ଧୂଳି ଦେଇ ହେଉ ଅବା ଆଇନର ଗଳା ବାଟରେ ଚାଲୁରହିଥିଲା। ପୁଣି ଏହି ଖେଳରେ ଅଧିକାଂଶ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳ, କଟକ, ପୁରୀ, ଗଞ୍ଜାମ ଜିଲ୍ଲାର ଜୁଆଡି ଥିବା ଜଣାପଡିଛି। ଏହି ଘଟଣାରେ ଗିରଫ ଜୁଆଡି ମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁର ବୁଦ୍ଧିମାନ ବିଶ୍ୱାଳ, ଚନ୍ଦନପୁର ପୁରୀର ଲକ୍ଷ୍ମୀଧର ବେହେରା, ବାଣପୁର ର ମୁରଲୀଧର ସେଠୀ,ବାଣପୁର ର ରମେଶ ଚନ୍ଦ୍ର ବାରିକ, କଟକ ଜିଲ୍ଲା ମାଲଗୋଦାମ ଥାନା ରାଣିହାଠ ଯଶୋବନ୍ତ ଦେବତା, ଗଂଜାମ ଜିଲ୍ଲା ଛତ୍ରପୁରର ଅଜିତ କୁମାର ଗୌଡ,ପୁରୀ ଜିଲ୍ଲା ବଳିଆପଣ୍ଡା ଥାନା ଅଞ୍ଚଳ ରାଜକିଶୋର ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅବଦୁଲ ଜଜିମ ଖାଁ,ନାଚୁଣୀ ଥାନା ଗମ୍ଭାରିମୁଣ୍ଡା ର ବିକାଶ ସ୍ୱାଇଁ, ସେହି ଗମ୍ଭାରିମୁଣ୍ଡା ଲକ୍ଷ୍ମୀଧର ସାହୁ, ବିଞ୍ଝଳାର ରାମଚନ୍ଦ୍ର ବେହେରା,ବାଣପୁର ଦାଣ୍ଡିଗାଡିଆର ଶିବ ସ୍ୱାଇଁ, ନାଚୁଣୀ ସାନନଇରୀର ଦିଲ୍ଲୀପ ସାହୁ, ହରିଚନ୍ଦନପୁର କାହ୍ନୁଚରଣ ବେହେରା, ବାଣପୁର ବିଷ୍ଣୁଡିହ ଶିବ ଶଂକର ସେନାପତି, ନାଚୁଣୀ ବଉଳାବନ୍ଧର ବିପିନ ପ୍ରଧାନ, ସେହି ବିଷ୍ଣୁଡିହର ନାରାୟଣ ସୁବୁଦ୍ଧି, ସେହି ବିଞ୍ଝଳା ର ପ୍ରଦୀପ କୁମାର ନାୟକ, ଗଂଜାମ ଜିଲ୍ଲା ବ୍ରହ୍ମପୁରର ଜି ନରେଶ, ପୁରୀ ଜିଲ୍ଲା ତାଳବଣିଆ ଥାନା ବାଲିଘାଟ ର ରଂଜନ ରାଉଳ ବୋଲି ଜଣାପଡିଛି। ଜୁଆ ଆଡା ମଧ୍ୟ ଟାଙ୍ଗୀ ଥାନା ଭୂଷଣ୍ଡପୁର ଅଞ୍ଚଳ, କୁହୁଡି ଅଞ୍ଚଳରେ ମଧ୍ୟ ସାମାଜିକ ବ୍ୟାଧି ରୂପେ ମାଡି ଚାଲିଛି।



